ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.157 Bhubaneswar Saturday July 29 2023 | ୨୬ତମ ବର୍ଷ ସଂଖ୍ୟା–୧୫୭ ଭୁବନେଶ୍ୱର, ଶନିବାର, ଜୁଲାଇ ୨୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ନଷ୍ଟ କରୁଥିଲେ ନବ ଦାସ, ସେଥିପାଇଁ ମାରି ଦେଲିଃ ଗୋପାଳ



ଭୁବନେଶ୍ୱର,୨୮।୭(ପି.ଏନ): ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ସମସ୍ତଙ୍କ ସମ୍ମୁଖରେ ଗୁଳି ମାରି ହତ୍ୟା କରିବା ଅଭିଯୋଗରେ ଜେଲରେ ଥିବା ପୁଲିସ୍ ଏଏସଆଇ ଗୋପାଳ କ୍ରିଷ୍ଣା ଦାସଙ୍କ ସ୍ୱୀକାରୋକ୍ତି ଏବେ ପଦାକୁ ଆସିଛି । ନବଙ୍କ ହତ୍ୟା ପଛରେ ବହୁ ବଡବଡିଆଙ୍କ ସମ୍ପୃକ୍ତି ଓ ଷଡଯନ୍ତ୍ରର ଦିଗକୁ ଏପର୍ଯ୍ୟନ୍ତ କ୍ରାଇମବ୍ରାଂଚ୍ ଖୋଳତାଡ କରିନଥିବାବେଳେ ଗୋପାଳଙ୍କ ଜମାନବନ୍ଦୀ ଭାବେ ଏଭଳି କିଛି ତଥ୍ୟ ଉଜାଗର ହୋଇଛି ଯାହା ସିଧାସଳଖ ମୃତ ନବ ଦାସଙ୍କ ବାହୁବଳୀ ଚ଼ରିତ୍ରକୁ ଇଙ୍ଗିତ କରିବା ସହ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ଗୋପାଳ ଏପରି କଠୋର ନିଷ୍ପତ୍ତି(ହତ୍ୟା) ନେଇଥିବା ତା'ର ଜମାନବନ୍ଦୀରୁ ଜଣାପଡୁଛି ।କ୍ରାଇମବ୍ରାଂଚ୍ ଡିଏସପି ରମେଶ ଚ଼ନ୍ଦ୍ର ଦୋରାଙ୍କ ନିକଟରେ ଗତ ଫେବୃୟାରୀ ୧ ତାରିଖରେ ଅଭିଯୁକ୍ତ ଗୋପାଳ ତା'ର ଜମାନବନ୍ଦୀରେ କହିଛି ଯେ, ନବ ଦାସ ବହୁତ ଅନ୍ୟାୟ କରୁଥିଲେ । ସବୁ ସରକାରୀ କର୍ମଚ଼ାରୀ ଓ ପୁଲିସ ବାଲାଙ୍କୁ ଧମକଚ଼ମକ ଦେଇ ସବୁକାମ କରୁଥିଲା ଓ ଗୁଣ୍ଡାଗିରି କରୁଥିବା ତା'ର ପିଲାଙ୍କୁ ସେ ସର୍ପାଟ କରି ସେମାନଙ୍କୁ ଥାନାରୁ ଛାଡିବା ପାଇଁ ପୁଲିସ ଉପରେ ଚ଼ାପ ପକାଉଥିଲା । ସେ ବିଜେଡି ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ମଧ ନଷ୍ଟ କରୁଥିଲା । ଗୁଣ୍ଡା ଲଗେଇ ଏଠାରେ ସମସ୍ତଙ୍କୁ ଧମକାଇ ସବୁ କାମ ନିଜେ କରୁଥିଲା । ଏଭଳିକି ବାଲି ବେପାର, ଆସ୍ ପରିବହନ ଓ ଅନ୍ୟାନ୍ୟ ଟ୍ରାନ୍ସପୋର୍ଟରେ ତାଙ୍କର ଗାଡି ଲାଗୁଥିଲା ଓ ଧମକଚ଼ମକ ଦେଇ ଆଉ କାହାର ଗାଡି ଚ଼ଳେଇ ଦେଉନଥିଲା । ତେଣୁ ସେଭଳିଆ ଲୋକ ଯଦି ବଂଚ଼ି ରୁହେ ତେବେ ସମାଜର ଅରାଜକତା ବଢ଼ିଯିବ ।

### ପ୍ରଶ୍ନପତ୍ର ଲିକ୍: ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କୁ ଆଜୀବନ ବ୍ୟାନ୍ ଲାଗି ସୁପାରିଶ

ଭୁବନେଶ୍ୱର,୨୮।୭(ପି.ଏନ): ବାଲେଶ୍ୱର ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆକ୍ସନ ମୋଡରେ ପୁଲିସ୍ । ଲିକ୍ ପ୍ରଶ୍ନ ପତ୍ରରେ ସମ୍ପୃକ୍ତ ୮୮ ପରୀକ୍ଷାର୍ଥୀଙ୍କୁ ଆଜୀବନ ବ୍ୟାନ୍ ଲାଗି ଓଏସ୍ଏସ୍ ?ସିକୁ ସୁପାରିଶ କରିଛନ୍ତି ବାଲେଶ୍ୱର ଏସପି । ସେପଟେ OSSCକୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯିବନି ବୋଲି ପ୍ରଶ୍ନ ଉଠାଇଛନ୍ତି ପରୀକ୍ଷାର୍ଥୀ ଓ ପୂର୍ବତନ ପୁଲିସ୍ ଅଧିକାରୀ । ଆଉ ବିରୋଧୀ ଘଟଣାରେ ସରକାରଙ୍କ ତଦନ୍ତକୁ କଡା ସମାଲୋଚ଼ନା କରି ସତସାହସ ଥିଲେ ସିବିଆଇ କିମ୍ବା ଏସଆଇଟି ସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି । ଖାଲି ସେତିକି ନୁହେଁ ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ସେ ଚ଼ାକିରୀ କରୁଥିବା ପାଟନା ଆକାଉଣ୍ଟାଣ୍ଟ୍ ଜେନେରାଲଙ୍କୁ ବି ଚ଼ିଠି ଲେଖିଛନ୍ତି ବାଲେଶ୍ୱର ଏସପି । ଗିରଫ ହୋଇଥିବା କନ୍ଧମାଳର ଶିକ୍ଷକ ଗୋବିନ୍ଦ ତ୍ରିପାଠୀ ଓ ଯାଜପୁରର ଶିକ୍ଷକ ସୁଶାନ୍ତ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବି ଦୁଇ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏସପି ଚ଼ିଠି ଲେଖିଛନ୍ତି । ଆବଶ୍ୟକ ହେଲେ ରାଜ୍ୟ ବାହାରର ଯେଉଁ ପ୍ରିଣ୍ଟିଂ ପ୍ରେସରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ,ସେଠାକାର ସିସିଟିଭି ଫୁଟେଜ୍? ଚେକ୍ କରାଯିବା ସହ ପ୍ରେସ୍ ମାଲିକଙ୍କୁ ବି ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ସୂଚ଼ନା ଦେଇଛନ୍ତି ଏସପି ସାଗରିକା ନାଥ ।

## କେନ୍ଦ୍ରମନ୍ତ୍ରୀ ଏବଂ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚ଼ନା

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୭ (ପି.ଏନ): ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ବିଭିନ୍ନ ପଛୁଆ ବର୍ଗଙ୍କୁ କେନ୍ଦ୍ରର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସୂଚ଼ୀରେ ସାମିଲ କରିବା ପାଇଁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାରଙ୍କ ସହ ନୂଆଦିଲ୍ଲୀ ଠାରେ ଆଲୋଚ଼ନା କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା 'ରାଜଶ୍ରୀ ବଳାଶି' ସମୁଦାୟର ପ୍ରତିନିଧି ମାନେ ମଧ ଏହି ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି । ଏହାର



ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ କୁମାର ଆଶ୍ୱସ୍ତ କରିଛନ୍ତି । ଏଥିପାଇଁ କେନ୍ଦ୍ରମନ୍ତ୍ରୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଦେଶର ପଛୁଆ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକ ମାନଙ୍କର ଉନ୍ନତି ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ । ଅନ୍ୟାନ୍ୟ ପଛୁଆ ବର୍ଗ ନିମନ୍ତେ ଉଦ୍ଦିଷ୍ଟ ଜାତୀୟ କମିଶନ ଏବଂ ସଂରକ୍ଷଣ ବ୍ୟବସ୍ଥାରେ ବିଭିନ୍ନ ପଛୁଆ ବର୍ଗଙ୍କୁ ସାମିଲ କରାଯାଇ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରାଯାଇଛି ।

### ଭିଜିଲାନ୍ସ ହାତରେ ଧରାପଡ଼ିଲେ ଅତିରିକ୍ତ ତହସିଲଦାର

ଭୁବନେଶ୍ୱର, ୨୮।୭(ପି.ଏନ): ନୟାଗଡ ଜିଲ୍ଲାର ଗଣିଆ ତହସିଲର ଅତିରିକ୍ତ ତହସିଲଦାର ବନମାଳୀ ପରିଡା ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଜବତ କରାଯାଇଥିବା ଏକ ବାଲି ଟ୍ରକ ଛାଡିବାକୁ ସେ ୧୩ ହଜାର ଟଙ୍କା ଲାଂଚ ମାଗିଥିଲେ । ଆଜି ପ୍ରଥମ କିସ୍ତିରେ ୧୦ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀ ମାନେ ତାଙ୍କୁ ଧରିଥିଲେ । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ଏହାର ଜାଂଚ କରାଯାଉଛି ।

## ସରକାର ଶୁଣିଲେନି, ଗାଁ ଲୋକଙ୍କ ପାଇଁ ପୋଲ କରିଦେଲେ ଆଦିବାସୀ ଯୁବକ

ଭୁବନେଶ୍ୱର,୨୮।୭(ପି.ଏନ): ଗାଁ ଲୋକଙ୍କ ସୁବିଧାରେ ଯାତାୟତ ପାଇଁ ନଦୀ ଉପରେ ପୋଲ ତିଆରି କରିଦେଲେ ଆଦିବାସୀ ଯୁବକ । ବିଡିଓଙ୍କ ଠାରୁ ଜିଲ୍ଲାପାଳ, ବିଧାୟକଙ୍କ ଠାରୁ ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଯାତାୟତ ଅସୁବିଧା ନେଇ ପ୍ରତିଦିନ ସମ୍ମୁଖୀନ ହେବାକୁ ପଡୁଥିବା ସମସ୍ୟ ନେଇ ଅଭିଯୋଗ ଜଣାଇବେ ସତ୍ତ୍ୱେ କେହିବି ସମାଧାନ କଲେନି । ସରକାର ମଧ ନିରାଶ କଲେ । ତେଣୁ ନିଜ ଗାଁର ସୁବିଧା ପାଇଁ ସଞ୍ଚିତ କରିଥିବା ଟଙ୍କାକୁ ବିନିଯୋଗ କରି ଏକ କାଠ ପୋଲ କରିବାରେ ସଫଳ ହୋଇଛି



ଆଦିବାସୀ ମୁଲକର ପାଠପଢ଼ି ନଥିବା ଡଗିଶା ମଳିକ । କନ୍ଧମାଳ ଜିଲ୍ଲା ବିନ୍ଦୁପଦର ଗାଁର ଡଗିଶାଙ୍କ ଉଦ୍ୟମ ଏବେ ଚ଼ର୍ଚ୍ଚାର ବିଷୟ ହୋଇଛି । ଏହି ଗାଁରେ ପଚ଼ାଶରୁ ଅଧିକ ପରିବାର ବାସ କରନ୍ତି । ଜଙ୍ଗଲ, ପାହାଡ ଘେରା ଏହି ଅଞ୍ଚଳରେ ବର୍ଷକ ଅଧିକାଂଶ ସମୟ ଲୋକଙ୍କୁ ଝଡବର୍ଷାର ସମ୍ମୁଖୀନ ହେବାକୁ ପଡିଥାଏ । ବର୍ଷା ଯୋଗୁ ନଦୀରେ ପାଣି ଆସିଥାଏ । ତେଣୁ ଲୋକଙ୍କୁ ନଦୀ ପାର ହୋଇ କାମକାର୍ଯ୍ୟରେ ଯିବା ନିମନ୍ତେ ହିନସ୍ତା ହେବାକୁ ପଡେ । ପିଲାମାନଙ୍କ ପାଠପଢ଼ିବାକୁ ଯିବାରେ ଅସୁବିଧା ହୁଏ, ରୋଗୀମାନେ ଡାକ୍ତରଖାନାରେ ପହଞ୍ଚିବା ନିମନ୍ତେ ହଇରାଣ ହୁଅନ୍ତି । ଏହି ସମସ୍ୟା ନେଇ ଲୋକେ ପ୍ରଶାସନ ଓ ନିର୍ବାଚ଼ିତ ଜନପ୍ରତିନିଧିଙ୍କୁ ଜଣାଇ ସରକାରୀ ପାଣ୍ଠି ବିନିଯୋଗରେ ଏକ ସବୁଦିନିଆ କଂକ୍ରିଟ ପୋଲ ନିର୍ମାଣ କରିବାକୁ ବାରମ୍ବାର ନିବେଦନ କରିଆସୁଛନ୍ତି । ହେଲେ ସେମାନଙ୍କ ଏହି ଦାବି ପ୍ରତି ସରକାର, ସରକାରୀ ଅଧିକାରୀ ଓ ଜନପ୍ରତିନିଧି ଦାୟିତ୍ୱହୀନତା ଦେଖାଇ ଚ଼ାଲିଥିଲେ ।

## ବନ୍ଦ ହେଲା ୬ ସ୍ଲୁଇସ୍ ଗେଟ୍; ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ

ସମ୍ବଲପୁର, ୨୮।୭(ପି.ଏନ): ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ଓ ଡାହାଣ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ଛଡାଯାଉଛି । ଆଜି ସକାଳ ୯ଟା ସୁଦ୍ଧା ୮ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ଭଣ୍ଡାରରୁ ଜଳ ନିଷ୍କାସନ କରାଯାଉଥିବା ବେଳେ ଉପର ମୁଣ୍ଡରେ ବର୍ଷାର ପରିମାଣ କମି ଥିବାରୁ ଏହାକୁ ଦୃଷ୍ଟିରେ ରଖି ୬ଟି ସ୍ଲୁଇସ୍ ଗେଟ୍ (ବାମ ପାର୍ଶ୍ୱରୁ ୫ଟି, ଡାହାଣ ପାର୍ଶ୍ୱରୁ ଗୋଟିଏ)କୁ ବନ୍ଦ କରାଯାଇଛି ।ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୫୮ ହଜାର ୯୪୬ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୨ଟି ସ୍ଲୁଇସ୍ ଗେଟ୍, ଅନ୍ୟାନ୍ୟ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୬୯ ହଜାର ୧୫୦ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳଭଣ୍ଡାରର ଜଳ ପତନ ଶୁକ୍ରବାର ସଂନ୍ଧ୍ୟା ୬ଟା ସୁଦ୍ଧା ୬୦୭.୧୨ ଫୁଟ୍ ରହିଥିବା ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି । ଜଳ ଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ମ ଦୃଷ୍ଟି ରଖିଛନ୍ତି । ଗତ ୨୪ ଘଂଟାରେ ଜଳ ଭଣ୍ଡାରର ଉପର ମୁଣ୍ଡରେ ୩୨.୧୦ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୧୨.୮୪ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ । ଏଠାରେ ଉଲ୍ଲେଖଯୋଗ୍ୟ, ୨୩ ତାରିଖ ଠାରୁ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡାଯିବା ଆରମ୍ଭ ହୋଇଛି ।

## ପ୍ରକାଶ ଚ଼ନ୍ଦ୍ର ନାୟକ ରଣପୁର ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ନୂତନ ଯୁବ କଂଗ୍ରେସ ସଭାପତି ଭାବେ ନିର୍ବାଚ଼ିତ

ରଣପୁର,୨୮।୭(ପି.ଏନ): ସମାପ୍ତ ହେଇଥିବା ଅଖିଳ ଭାରତୀୟ ଯୁବ କଂଗ୍ରେସର ସାଂଗଠାନିକ ନିର୍ବାଚ଼ନ ରେ ରଣପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ଭାବେ ରଣପୁର ଅଞ୍ଚଳର ଯୁବ ସମାଜସେବୀ ତଥା ରଣପୁର କଲେଜ ର ଛାତ୍ରସଂଶଦ୍ ପୂର୍ବତନ ଛାତ୍ର ନେତା ଓ ରଣପୁର ନିର୍ବାଚ଼ନ ମଣ୍ଡଳୀର ପୂର୍ବତନ ଛାତ୍ର କଂଗ୍ରେସ ର ସଭାପତି ପ୍ରକାଶ ଚ଼ନ୍ଦ୍ର ନାୟକ ୨୯୫ ଖଣ୍ଡ ଭୋଟ ପାଇ ରଣପୁର ନିର୍ବାଚ଼ନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ବିଜୟଲାଭ କରିଛନ୍ତି । ଏହି ନିର୍ବାଚ଼ନରେ ରଣପୁର ବିଧାନସଭା ଅଞ୍ଚଳର ୩୫ବର୍ଷ ରୁ କମ୍ ବୟସର ଯୁବକ ଯୁବତୀ ମାନେ ଅନଲାଇନ୍ ମାଧ୍ୟମରେ ମତ ଦାନ କରିଥିଲେ ରଣପୁର ଅଞ୍ଚଳର କଂଗ୍ରେସ ନେତା ସତ୍ୟବ୍ରତ ନାୟକ,ରଣପୁର ବାର୍



ଆସୋସିଏସନ୍ ର ସମ୍ପାଦକ ସତ୍ୟରଞ୍ଜନ ମଣ୍ଡା ,ନୟାଗଡ଼ ଜିଲ୍ଲା ଯୁବ କଂଗ୍ରେସ ର କାର୍ଯ୍ୟକାରୀ ସଭାପତି ମୀର୍ ଅବୁବେକର ସିଧିକ୍,ନୟାଗଡ଼ ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ସଡ଼ଙ୍ଗି ,ନୟାଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିଭୂତି କୁମାର ଜେନା, ଆଡଭୋକେଟ ଉମେଶ ସାହୁ,ରାଜ୍ୟ ଛାତ୍ର କଂଗ୍ରେସ ର ସମ୍ପାଦକ ଅନିଲ ଛୁଆଲ୍ ସିଂହ , ନୟାଗଡ଼ ଜିଲ୍ଲା ଯୁବ ଉପସଭାପତି ବାଦଲ ପ୍ରଧାନ, ଲିଆକତ ଅଲ୍ଲୀ,ସଞ୍ଜୟ ମହାନ୍ତି,ହୃଦାନନ୍ଦ କାଣ୍ଡି,ସଂଗ୍ରାମ ପାଇକରାୟ,ସୁଦର୍ଶନ ପାଇକରାୟ,ପ୍ରଶାନ୍ତ କୁମାର ବିଶ୍ୱାଳ,ରଞ୍ଜନ କୁମାର ରାଉତ, ଦୀପକ ପ୍ରଧାନ ପ୍ରମୁଖ ଯୁବ କଂଗ୍ରେସ ଓ କଂଗ୍ରସ ନେତୃବୃନ୍ଦ ନୂତନ ସଭାପତିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।ନୂତନ ସଭାପତି ଆଗାମୀ ଦିନରେ ରଣପୁର ନିର୍ବାଚ଼ନ ମଣ୍ଡଳୀର ଯୁବକ ମାନଙ୍କୁ ସୁସଂଗଠିତ କରି ଯୁବ କଂଗ୍ରେସ ଓ କଂଗ୍ରେସ ସଂଗଠନକୁ ମଜବୁତ୍ କରି ରାଜ୍ୟ ଓ କେନ୍ଦ୍ରସରକାର ଙ୍କ ଯୁବ ବିରୋଧୀ, ଜନ ବିରୋଧୀ ଓ ଶ୍ରମିକ କୃଷକ ବିରୋଧୀ ନବୀନ ପଟ୍ଟନାୟକ ଓ ନରେନ୍ଦ୍ର ମୋଦି ବିରୁଦ୍ଧରେ ଆନ୍ଦୋଳନ କରିବେ ।

### ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କଲେ ଜରିମାନା ଗଣିବେ ବସ୍ ମାଲିକ

ଭୁବନେଶ୍ୱର,୨୮।୭(ପି.ଏନ): ବସର ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ କଲେ ଦଣ୍ଡ ଗଣିବାକୁ ପଡିବ । ମହିଳା ଯାତ୍ରୀଙ୍କୁ ଯଦି କୌଣସି ବସ କର୍ମଚାରୀ ପ୍ରଥମେ ପାସେଞ୍ଜର ଭାବେ ଉଠାଇବାକୁ ବାରଣ କରିବେ ତେବେ ସଂପୃକ୍ତ ବସ୍ ମାଲିକଙ୍କୁ ଜରିମାନା କରାଯିବ । ରାଜ୍ୟ ପରିବହନ ବିଭାଗ ସଚିବ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏନେଇ ସବୁ ଆରଟିଓମାନଙ୍କୁ ସଚିବ ଚିଠି କରିଛନ୍ତି । ତା'ସହ ନିୟମିତ ଯାଂଚ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେଉଁଠି ଯଦି ମହିଳାଙ୍କୁ ପ୍ରଥମେ ବସ୍ ଉପରେ ଚଢ଼ିବା ପାଇଁ ବାରଣ କରାଯାଏ, ତେବେ ସଂପୃକ୍ତ ବସ୍ ମାଲିକଙ୍କ ବିରୋଧରେ ଇ-ଚାଲାଣ କାଟିବାକୁ ରାଜ୍ୟ ପରିବହନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

## ମଣିପୁର ଯିବେ ବିରୋଧୀ ମେଣ୍ଟର ୨୦ ସାଂସଦ, ସ୍ଥିତି ପରଖିବେ ଓ ସରକାରଙ୍କୁ ପ୍ରସ୍ତାବ ଦେବେ

ନୂଆଦିଲ୍ଲୀ,୨୮।୭(ପି.ଏନ): ନିକଟରେ ଗଠନ ହୋଇଥିବା ବିରୋଧୀ ମେଣ୍ଟ ଇଣ୍ଡିଆର ୨୦ ଜଣ ସାଂସଦନ ହିଂସା କ୍ଷତିଗ୍ରସ୍ତ ମଣିପୁର ଯିବେ । ଆସନ୍ତାକାଲି ବିରୋଧୀଙ୍କ ଏହି ପ୍ରତିନିଧି ମଣ୍ଡଳ ମଣିପୁର ଯାଇ ସେଠାକାର ସ୍ଥିତି ପରଖିବେ । ହିଂସାର ପ୍ରକୃତ ସ୍ଥିତିକୁ ଜାଣିବା ପରେ ଏହାର ତଥ୍ୟ ସରକାର ଓ ସଂସଦ ଆଗରେ ଉପସ୍ଥାପନ କରିବେ । ଏଥିସହ ହିଂସା ରୋକିବା ପାଇଁ ଉପଯୁକ୍ତ ପ୍ରସ୍ତାବ ବି ଦେବେ ।ଗସ୍ତ ପୂର୍ବରୁ ଲୋକସଭାରେ କଂଗ୍ରେସର ଉପ ନେତା ଗୌରବ ଗୋଗୋଇ ମଣିପୁର ହିଂସାର




ତଦନ୍ତର ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚ଼ାରପତିଙ୍କ ଅଧୀନରେ କରିବାକୁ ଦାବି କରିଛନ୍ତି । ମଣିପୁର ଯିବାକୁ ଥିବା ୨୦ ଜଣିଆ ପ୍ରତିନିଧି ମଣ୍ଡଳରେ କଂଗ୍ରେସରୁ ଅଧୀର ରଞ୍ଜନ ଚୌଧୁରୀ, ଗୌରବ ଗୋଗୋଇ, ଟିଏମସରୁ ସୁସ୍ମିତା ଦେବ, ଜେଏମଏମରୁ ମହୁଆ ମାଝୀ, ଡିଏମକେରୁ କାନିମୋଝି, ଏନସିପରୁ ମହମ୍ମଦ ଫୈଜଲ, ଆରଏଲଡିରୁ ଜୟନ୍ତ ଚୌଧୁରୀ, ଆରଜେଡିରୁ ମନୋଜ ଝା, ଆରଏସ୍ପିରୁ ଏନକେ ପ୍ରେମାଚ଼ନ୍ଦ୍ରନ ଓ ଭିଚ଼ିକେରୁ ଟି ଥିରୁମାବାଲାଭନ ପ୍ରମୁଖ ରହିଛନ୍ତି ।

## ପ୍ରଭାକରନଙ୍କ ପତ୍ନୀଙ୍କ ଜମି କିଣା ସଉକ: ସେନା ଓ ମନ୍ଦିର ଜମିକୁ ବି ଛାଡିନାହାନ୍ତି, ଭୁବନେଶ୍ୱରରେ ୩୮ଟି ପ୍ଲଟ୍, ଅପରାଜିତା ଉଠାଇଲେ ପ୍ରଶ୍ନ

ଭୁବନେଶ୍ୱର,୨୮।୭(ପି.ଏନ): ପ୍ରଭାବଶାଳୀ ଖଣି ବ୍ୟବସାୟୀ ପି ପ୍ରଭାକରନଙ୍କ ପତ୍ନୀ କିରୁଥାକି ପ୍ରଭାକରନଙ୍କ ଜମି କିଣା ନିଶା ଏବେ ରାଜଧାନୀ ଭୁବନେଶ୍ୱରବାସୀଙ୍କୁ ଅତିଷ୍ଠ କରିଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଆଜି ନିଜ ଟ୍ୱିଟ୍ ମାଧ୍ୟମରେ ପ୍ରଭାକରନଙ୍କ ପତ୍ନୀଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଅଂଚ଼ଳରେ ଥିବା ମୋଟ ୧୭.୭୪୬ଏକର ବିଶିଷ୍ଟ ଛୋଟ ଛୋଟ ସାଇଜର ୩୮ଟି ପ୍ଲଟ୍ ଓ ପ୍ରଭାକରନଙ୍କ ନାଁରେ ଗୋଟିଏ ପ୍ଲଟକୁ ମିଶାଇ ମୋଟ ୩୯ଟି ପ୍ଲଟ ସମ୍ପର୍କରେ ତଥ୍ୟ ଦେବା ସହ ସରକାରୀ ପ୍ରୋତ୍ସାହନରେ ଏସବୁ ଜମି କିଣାଯାଇଥିବା ଅଭିଯୋଗ କରିଛନ୍ତି । ଏପଟେ ପ୍ରଭାକରନଙ୍କ ପତ୍ନୀଙ୍କ ନାଁରେ ଭାରତୀୟ ସେନାର ପିଏସୟୁ - ସୁନାବେଡାସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ(ହାଲ)ର ହାଉସିଂ କମିଟି ମୁଖ୍ୟ କାଲେଶ୍ୱର ପ୍ରସାଦ ହୋତା ହାଲ୍ ଜମି ହଡପର ମାମଲା ଗତବର୍ଷଠୁ ଚ଼ନ୍ଦକା ଥାନାରେ ଜାରି ରହିଥିବାବେଳେ ଚଂଚ଼କତା କରି କିଣିଥିବା ଏୟାରପୋର୍ଟ ନିକଟସ୍ଥ



ଭୀମପୁର ମୌଜାରେ ଲିଙ୍ଗରାଜ ମହାପ୍ରଭୁଙ୍କ ୨୨୮ ଡେସିମିଲ୍ ଜମିର କିଣାବିକା ରଦ୍ଦ ହେବା ପରେ ଏହି ଜମି ତାଙ୍କ କବଜାରେ ରହିଥିବା ଜଣାପଡିଛି । ମିଳିଥିବା ସୂଚ଼ନା ଅନୁସାରେ, ସାଂସଦ ଅପରାଜିତା ଷଡଙ୍ଗୀ ଆଜି ନିଜ ଟ୍ୱିଟ୍ ମାଧ୍ୟମରେ ଖଣି ବ୍ୟବସାୟୀ ପ୍ରଭାକରନ ଓ ତାଙ୍କ ପତ୍ନୀଙ୍କ ନାଁରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅଂଚ଼ଳରେ କିଣାଯାଇଥିବା ଜମିର ବିବରଣୀ ଦେଇଛନ୍ତି । ପ୍ରାୟ ୧୭.୭୪୬ଏକର ବିଶିଷ୍ଟ ମୋଟ ୩୯ଟି ପ୍ଲଟର ହିସାବ ସାଂସଦ ଶ୍ରୀମତୀ ଷଡଙ୍ଗୀ ଦେବା ସହ ଏବେବି ଅଧିକ ପରିମାଣର ଜମି କିଣିବା ପାଇଁ ପ୍ରଭାକରନ ପ୍ରୟାସ କରୁଛନ୍ତି ବୋଲି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଲୋକେ ତାଙ୍କୁ ଜଣାଇଛନ୍ତି । ଯଦି ଏଭଳି ଛୋଟ ଛୋଟ ଜମି ଉଚ଼୍ଚ଼ସ୍ତରର ପ୍ରଭାବଶାଳୀଙ୍କ ସହାୟତାରେ କିଣାଯିବ ତା'ହେଲେ ଓଡିଶାର ଚ଼ାଷୀମାନେ କ'ଣ ଛତିଶଗଡ ଓ ଝାଡଖଣ୍ଡ ଯିବେ କି ବୋଲି ପ୍ରଶ୍ନ କରିଛନ୍ତି । ଓଡିଶାର ଖଣିରୁ ଅର୍ଥ ଉପାର୍ଜନ କରି ସରକାରୀ ପ୍ରୋତ୍ସାହନରେ ରାଜଧାନୀ ଭୁବନେଶ୍ୱରରେ ଏଭଳି ଜମି କ୍ରୟ କରୁଥିବା ଅଣଓଡିଆଙ୍କୁ ଆମେ ପ୍ରତିରୋଧ କରିବାର ସମୟ ଆସିଯାଇଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି । ସେ ଦେଇଥିବା ତଥ୍ୟ ଅନୁସାରେ ପ୍ରଭାକରନଙ୍କ ନାଁରେ ଘାଟିକିଆରେ ୭୯ଡିସିମିଲ୍ ଜମି ଥିବାବେଳେ ତାଙ୍କ ପତ୍ନୀ କିରୁଥାକିଙ୍କ ନାଁରେ ବାପୁଜୀ ନଗର, ଚ଼ନ୍ଦ୍ରଶେଖରପୁର, ସୁନ୍ଦରପୁର, ପଦାସାହି, ଜୁଝାଗଡ, ପଥରଗାଡିଆ, ଦାରୁଠେଙ୍ଗ, ଭାଗବତୀପୁର ଓ ଗିରିଙ୍ଗପୁଟ ମୌଜାରେ ଏହି ସବୁ ଜମି କ୍ରୟ ହୋଇଛି । ଏସବୁ ମଧ୍ୟରେ ଭଗବତୀପୁରଠାରେ ସର୍ବାଧିକ ୬ଟି ସ୍ଥାନରେ ମୋଟ ପ୍ରାୟ ୧୨ ଏକରରୁ ଅଧିକ ଜମି କ୍ରୟ ହୋଇଛି ବୋଲି ଜଣାପଡିଛି । ଅନ୍ୟପକ୍ଷରେ ସରକାରୀ ଉଦ୍ୟୋଗ ସୁନାବେଡାସ୍ଥିତ ହାଲ୍ କର୍ମଚ଼ାରୀଙ୍କ ପାଇଁ ହାଲ୍ ହାଉସିଂ କମିଟି ଦ୍ୱାରା କିଣାଯାଇଥିବା ୪୮ଏକର ଜମିରେ ବେଆଇନ ଭାବେ ଚ଼ଂଚ଼କତା କରି ପ୍ରଭାକରନଙ୍କ ପତ୍ନୀ ଜମି କିଣିଥିବାର ଅଭିଯୋଗ ଖୋଦ୍ ହାଲ୍ ହାଉସିଂ କମିଟି ଅଧ୍ୟକ୍ଷ କାଲେଶ୍ୱର ପ୍ରସାଦ ହୋତା ଗତବର୍ଷ ଚ଼ନ୍ଦକା ଥାନାରେ କରିଥିଲେ । ଏନେଇ ଏକ ମାମଲା ଆଇପିସିର ଧାରା ୪୪୭,୪୨୬,୪୨୭, ୩୭୯, ୪୦୩, ୪୨୪, ୫୦୬,୪୨୧,୨୯୪,୪୬୭ ଓ ୪୬୮ରେ ଦାଖଲ ହୋଇଥିଲା । ଚ଼ନ୍ଦକା ଥାନା ଏହି ମାମଲା ରୁଜୁ କରୁ ନ ଥିଲା । ମାତ୍ର କୋର୍ଟଙ୍କ ନିର୍ଦ୍ଦେଶରେ ୧୫ ମେ' ୨୦୨୨ରେ ପୁଲିସ ମାମଲା ରୁଜୁ କରିଥିଲା । କେବଳ ପ୍ରଭାକରନଙ୍କ ପତ୍ନୀ ନୁହଁନ୍ତି ଏହି ଜମି ଜାଲିଆତି ଘଟଣାରେ ହାଲ୍ ହାଉସିଂ କମିଟି ଅଧ୍ୟକ୍ଷଙ୍କ ଦ୍ୱାରା ବମିଖାଲର ଗୟାଧର ଜେନା ଓ ଖୋର୍ଦ୍ଧା ଜରାସିଙ୍ଗର ପ୍ରବୋଧ କୁମାର ମିଶ୍ରଙ୍କ ନାମରେ ମଧ ମାମଲା ରୁଜୁ ହୋଇଥିଲା । ଥାନାରେ ଏହି ମାମଲା ରୁଜୁ କରି ପୁଲିସ ବିଶେଷ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପଚ଼ାପ ବସିଥିବା ଜଣାପଡିଛି ।

## ସଚେତନତା ଅଭାବରୁ ସରକାରୀ ନିଯୁକ୍ତିରୁ ବଞ୍ଚିତ, ଜି.ଆର୍.ଏସ୍ : ସୁବର୍ଣ୍ଣପୁର

ଭୁବନେଶ୍ୱର,୨୮।୭(ପି.ଏନ): ଗତ ୧୮.୦୭.୨୦୨୩ ତାରିଖରେ ପତ୍ର ସଂଖ୍ୟା ୪୭୪୫ ରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଦ୍ୱାରା ଗ୍ରାମ୍ୟ ରୋଜଗାର ସେବକ (ଜି.ଆର୍.ଏସ୍) ନିଯୁକ୍ତିର ଚୁଡାନ୍ତ ତାଲିକା ପ୍ରକାଶ କରାଯାଇଅଛି ଓ ଏହି ତାଲିକାରେ ସର୍ବମୋଟ ୭ ଜଣ ପ୍ରାର୍ଥୀ ଆବଶ୍ୟକୀୟ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ନେଇ ଚ଼ୟନ ହୋଇଥିବାବେଳେ ୬୭ ଜଣ ନିଯୁକ୍ତି ଆଶାୟୀ ଅଣସ୍ୱିକୃତୀପ୍ରାପ୍ତ କମ୍ପୁଟର କେନ୍ଦ୍ରଗୁଡିକ ପ୍ରଦାନ କରୁଥିବା ପ୍ରମାଣପତ୍ର ଯୋଗୁ ନିଯୁକ୍ତି ଚ଼ୟନ ପ୍ରକ୍ରିୟାରୁ ବାଦ ପଡିଛନ୍ତି ।କେବଳ ସୁବର୍ଣ୍ଣପୁର ନୁହେଁ ୨୦୨୨-୨୩ ରେ ଜଗତସିଂହପୁର, ବରଗଡ, ଗଂଜାମ, ରାୟଗଡା, ଢେଙ୍କାନାଳ ଜିଲ୍ଲାଗୁଡିକରେ ମଧ ଗ୍ରାମ୍ୟ ରୋଜଗାର ସେବକ (ଜି.ଆର୍.ଏସ୍) ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯାଇ ବହୁ ସଂଖ୍ୟକ ନିଯୁକ୍ତି ଅଶାୟୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଓ ଉପରୋକ୍ତ ଜିଲ୍ଲା ଗୁଡିକରେ ମଧ ହଜାର ହଜାର ସଂଖ୍ୟକ ନିଯୁକ୍ତି ଆଶାୟୀ ଆବେଦନ କରିଥିଲେ କିନ୍ତୁ ସେହି ଜିଲ୍ଲାର ଚୂଡାନ୍ତ ତାଲିକା ପ୍ରକାଶ ପାଇବାପରେ ଲକ୍ଷ୍ୟ କରାଗଲା କି ୯୦ ପ୍ରତିଶତରୁ ଅଧିକ ଆଶାୟୀ ଅଣସ୍ୱିକୃତୀପ୍ରାପ୍ତ କମ୍ପୁଟର କେନ୍ଦ୍ରଗୁଡିକ ପ୍ରଦାନ କରୁଥିବା ପ୍ରମାଣପତ୍ର ପ୍ରଦାନ କରିଥିଲେ ଓ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡ଼ିଥିଲେ ଓ ଗତ ୨୦୨୧' ମେ ମାସରେ ରାଜ୍ୟ ସରକାର, କମ୍ପୁଟର ଦକ୍ଷତା ଆବଶ୍ୟକ ଥିବା ସରକାରୀ ନିଯୁକ୍ତି ପାଇଁ ଏକ ଗେଜ଼ଟ ପ୍ରକାଶ କରିଥିଲେ ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ କି କେବେଳ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ କମ୍ପୁଟର ପ୍ରମାଣପତ୍ର / କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚ଼ାଳିତ ସଂସ୍ଥା ଏନ୍.ଆଇ.ଇ.ଏଲ୍.ଇ.ଟି. ଓ ଏ.ଆଇ.ସି.ଟି.ଇ. ସ୍ୱୀକୃତିପ୍ରାପ୍ତ ସଂସ୍ଥା ଦ୍ୱାରା ପ୍ରଦତ୍ତ କମ୍ପୁଟର ପ୍ରମାଣପତ୍ର / ଓକେସିଏଲ୍ ର ଓଏସ୍-ସିଆଇଟି. ପ୍ରମାଣପତ୍ର ଗ୍ରହଣଯୋଗ୍ୟ ଅଟେ । କମ୍ପୁଟର ଶିକ୍ଷା ଓ ପ୍ରମାଣପତ୍ରକୁ ନେଇ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିଲା ବେଳେ ଆମ ରାଜ୍ୟର ଛାତ୍ରଛାତ୍ରୀ ଓ ନିଯୁକ୍ତି ଆଶାୟୀମାନଙ୍କ ମଧ୍ୟରେ ସଚେତନତା ଅଭାବ ପରିଲିକ୍ଷିତ ହେଉଛି ଓ ବିଗତ ଦିନ ମାନଙ୍କରେ ନିଯୁକ୍ତି କୁ ନେଇ କୌଣସି ସରକାରୀ ନିର୍ଦ୍ଦେଶ /ସ୍ପଷ୍ଟତା ନ ଥିଲା ସେଥିପାଇଁ ୨୦୦୦ ମସିହା ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରତେକ ସ୍ଥାନରେ ବିଭିନ୍ନ ବ୍ୟକ୍ତି ବେଶେଷ ବ୍ୟକ୍ତିଗତ ଉଦ୍ୟମରେ କମ୍ପୁଟର ତାଲିମ କେନ୍ଦ୍ର ଖୋଲି ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ନିଜ ଦ୍ୱାରା ପ୍ରମାଣପତ୍ର ପ୍ରିଣ୍ଟ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦେଉଥିଲେ ଓ ବର୍ତ୍ତମାନ ସମୟରେ ନିର୍ଦ୍ଦିଷ୍ଟ ସରକାର ନିର୍ଦ୍ଦେଶ ଆସିବାରୁ ଏହି ଅଣ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରମାନଙ୍କ ଦ୍ୱାରା ପ୍ରିଣ୍ଟ ପ୍ରମାଣପତ୍ର ଆଉ ଗ୍ରହଣ ଯୋଗ୍ୟ ହେଉନାହିଁ, ଯେଉଁଥି ପାଇଁ ଆଶାୟୀ ପ୍ରାର୍ଥୀ ସରକାରୀ ଚ଼ାକିରୀ ରୁ ବଞ୍ଚିତ ହେଉଛନ୍ତି ।ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ସଚେତନ ହୋଇ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରରେ ତାଲିମ ନେବା ସହ ସରକାରୀ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଶ୍ୱାଳୟ କିମ୍ବା ସଂସ୍ଥାରୁ ପ୍ରମାଣପତ୍ର ହାସଲ କରିବା ଉଚ଼ିତ ଓ ଯେଉଁ କମ୍ପୁଟର ତାଲିମ କେନ୍ଦ୍ର ଗୁଡିକ ଦୀର୍ଘଦିନ ଧରି କମ୍ପୁଟର ତାଲିମ ଦେଇ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ କୁଶଳୀ କରାଇବାର ଗୁରୁଦାଇତ୍ୱ ସମ୍ପର୍ଣ୍ଣ କରିଛନ୍ତି ସେମାନଙ୍କ ପାଇଁ ବି ଏବେ ସମୟ ଆସିଛି ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ସଂସ୍ଥା ଏନ୍.ଆଇ.ଇ.ଏଲ୍.ଇ.ଟି., ଏ.ଆଇ.ସି.ଟି.ଇ. କିମ୍ବା ଓକେସିଏଲ୍ ଭଳି ଅନୁଷ୍ଠାନ ସହ ସହଭାଗୀ ହୋଇ ନିଜ କେନ୍ଦ୍ରର ଭବିଷ୍ୟତ ସୁରକ୍ଷିତ କରିବା ସହ ନିଜ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ପ୍ରତି ଧ୍ୟାନ ଦେବା ଉଚ଼ିତ ।






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ ମୋ ପାଇଁ ନର୍କ ସଦୃଶ। ଇତି ମଧରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ନେତାର ନାମ କେଜରିୱାଲା

**"I am Aurobinda Kejriwal, an Indian devoted to Motherland not a terrorist."**




୧. ନିକଟରେ ପା- ଟି ରାଜ୍ୟର ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣାର ଅବ୍ୟବହିତ ଅବସରରେ ସୀମାନ୍ତ ରାଜ୍ୟ ପଞ୍ଜାବରେ ଆମ ଆଦମି ପାର୍ଟିର ଅଦଭୁତ ପୂର୍ଣ୍ଣ ବିଜୟ ଅବସରରେ, ଯେଉଁମାନେ ନିର୍ବାଚନ ପୂର୍ବରୁ ତାଙ୍କୁ ଦେଶଦ୍ରୋହୀ ବିଦେଶୀ ଏଜେଂଟର ଅଭିଯୋଗ ଆଣିଥିଲେ, ସେମାନଙ୍କୁ ଦଳର ସୁପ୍ରିମୋ କେଜରିୱାଲା ସ୍ପଷ୍ଟ ସ୍ୱରରେ ଏହା ଶୁଣାଇ ଦେଇଥିଲେ । ଚାରଟି ରାଜ୍ୟରେ ବିଜେପିର ବିଜୟୋତ୍ସବର କୋଳାହଳ ମଧ୍ୟରେ ଦିଲ୍ଲୀ ରାଜ୍ୟରୁ ସେମାନଙ୍କୁ ବିତାଡିତ କରିଥିବା କେଜ୍ରିୱାଲା ଯେ ତାଙ୍କ ପାଇଁ ଏଚିଲେସ ହିଲ ହେବାକୁ ଯାଉଛନ୍ତି ତାହା ସେମାନେ ସ୍ପଷ୍ଟ ଭାବେ ବୁଝି ପାରୁଥିଲେ ।



୨. ନିକଟରେ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ମଧ୍ୟ ପୁଞ୍ଜିପତିମାନେ ଶୋଷଣର ମାଧ୍ୟମ କରି ସାରିଲେଣି, ଯାହା ଫଳରେ ହଜାର ହଜାର ଭାରତୀୟ ଛାତ୍ର କ୍ଷୁଦ୍ର ରାଜ୍ୟ ୟୁକ୍ରେନ ଭଳି ଯାଗାକୁ ଶିକ୍ଷାପାଇଁ ଯିବାର ଘଟଣା ଘଟୁଚି । ବ୍ରିଟିଶ ସମୟରେ ସୁରକ୍ଷିତ ଥିବା ଗୋଚର, ସାଧାରଣ ଜଳାଶୟକୁ ମଧ୍ୟ ଆଜିର ସରକାର ଶିଳ୍ପପତିଙ୍କ ହାତରେ ଟେକିଦେଲେଣି । ଏହି କୁଶାସନ ବିରୁଦ୍ଧରେ କେଜିରୱାଲା ନିଜର ସ୍ୱର "ପରିବର୍ତନ" ସଂଗଠନ ମାଧ୍ୟମରେ ନବେ ଦଶକରୁ ଶୁଣାଇ ଆସୁଛନ୍ତି । ସେ ପ୍ରମାଣ କରିଛନ୍ତି, ଲୋକେ ପରିବର୍ତନ ଚାହୁଁଛନ୍ତି । ସେମାନଙ୍କୁ ନିର୍ବାଚନ ବେଳେ ମଦ ପିଆଇ, ଟଙ୍କା ବାଂଟି ରାଜନେତାମାନେ ତାଙ୍କୁ ଯେଉଁ ବୋକା ଭଳି ଭାବୁଛନ୍ତି ତାହା ସଂପୂର୍ଣ୍ଣ ଭୁଲ । କେବଳ ଉପଯୁକ୍ତ ନେତାର ଆବିର୍ଭାବକୁ ସେମାନଙ୍କ ଅପେକ୍ଷା ।

୩. ସ୍ୱାଧିନତା ପାଇଲା ପରେ ଆମର ନୂଆ ଶାସକମାନେ ଯେପରି ଦୁର୍ନିତି ଓ ଭ୍ରଷ୍ଟାଚାରରେ ବୁଡି ଦେଶକୁ ଧର୍ମ, ଜାତି, ବର୍ଣ୍ଣ, ମନ୍ଦିର ମସଜିଦ, ଦଳିତ ଆଦି ନାନା ଭାବରେ ବିଭକ୍ତ କରି ଦଳେଙ୍କୁ ଅନ୍ୟ ବିରୁଦ୍ଧରେ ଉସକାଇ,ସଂକୀର୍ଣ୍ଣ ଆ-ଂଚଳିକ ଭାବ ସୃଷ୍ଟି କରି ଶାସନ ନାମରେ ଅପଶାସନ କରି ଚାଲିଛନ୍ତି, ତାହା ଲୋକଙ୍କୁ ହତାଶ କରିଛି । ସବୁଆଡେ ଘୋର ଦୁର୍ନୀତି ସବୁଠାରେ ଲାଂଚ-, ଯାହାର ପ୍ରମାଣ ଆଜି ଦରକାର ନାହିଁ । ସମସ୍ତେ ତାହା ଆଜି ଅଙ୍ଗେ ଲିଭାଉଛନ୍ତି ।

୪. ଭାରତ ରାଜନୀତି ଆକାଶରେ ନୂଆ ଭରସାର ସୂର୍ଯ୍ୟ ହୋଇ ଦେଖାଦେଇଥିବା କେଜରିୱାଲା ୧୯୬୮ ମସିହା ଅଗଷ୍ଟ ୧୬ ତାରିଖରେ ହରିଆନା ରାଜ୍ୟର ସିସ୍ୱାନଠାରେ ଜନ୍ମ ନେଇଥିଲେ । ଆଇଆଇଟି ଖଡଗପୁରରୁ ଶିକ୍ଷା ସାରି ସେ ଜାମସେଦପୁର ଟାଟା ଶିଳ୍ପରେ କାର୍ଯ୍ୟରେ ଯୋଗ ଦେଲେ ମଧ୍ୟ ପରେ ସର୍ବଭାରତୀୟ ରାଜସ୍ୱ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇନକମ ଟାକ୍ସ ଆସିଷ୍ଟାଣ୍ଟ କମିଶନର ପଦରେ ଯୋଗଦେଲେ । ସେ ବିଭାଗର ଆଖିବୁଜା ଦୁର୍ନୀତି ଦେଖି ସେ ଚାକିରିରୁ ଇସ୍ତଫା ଦେଲେ ଓ କହିଲେ କୋଟି ଟଙ୍କାର ଚାକିରି ଅପେକ୍ଷା ସେ ଲୋକସେବାକୁ ଶ୍ରେୟ ମନେକରନ୍ତି । ତାଙ୍କର ଉକ୍ତି ଆୟକରର ଅଫିସର ମହଲରେ ବେଶ ଚା-ଂଚଲ୍ୟ ସୃଷ୍ଟି କରିଥିଲା । ଚାକିରି ପାଇବାର ପୂର୍ବରୁ ସେ ଦିଲ୍ଲୀର ସୁନ୍ଦର ନଗରଠାରେ ମନିଷା ସିସୋଦିଆ, ଅରୁଣା ରାୟଙ୍କ ସହ ମିଶି ପରିବର୍ତନ ନାମରେ ଏକ ସାମାଜିକ ଆନ୍ଦୋଳନ ଆରମ୍ଭ କରିଥିଲେ । ପରେ କିରଣ ବେଦୀ, ପ୍ରଶାନ୍ତ ଭୁଷଣ, ଶେଖର ସିଂଙ୍କ ଭଳି ଅନେକ ବ୍ୟକ୍ତି ତାଙ୍କୁ ସହଯୋଗ କରିଥିଲେ । କବିର ନାମକ ଅନ୍ୟ ଏକ ଅନୁଷ୍ଠାନ ମଧ୍ୟ ଗଠନ କରି ଲୋକଙ୍କ ସୁଖଦୁଃଖ ବୁଝୁଥିଲେ । ସରକାରୀ ବିଭାଗରେ ଦୁର୍ନୀତିର ବିଲୋପ ପାଇଁ ସେ ଲୋକଙ୍କୁ ଆହ୍ୱାନ ଦେଇଥିଲେ । ସୂଚନା ଅଧିକାର ବଳରେ ସେମାନଙ୍କୁ ସରକାରୀ କାର୍ଯ୍ୟରେ ସହାୟତା ଯୋଗାଇ ୨୦୦୬ ମସିହାରେ ପ୍ରସିଦ୍ଧ ରାମନ ମାଗେସେସି ପୁରସ୍କାର ପାଇଲେ । ସେହି ଅର୍ଥରେ Public Cause Research Foundation ନାମକ ଅନ୍ୟ ଏକ ଅନୁଷ୍ଠାନ ଆରମ୍ଭ କରିଥିଲେ । ସେ ନିଜେ ଥିବା ଆୟକର ବିଭାଗ, ମୁନିସିପାଲଟି ଅଫିସ, ବିଦ୍ୟୁତ, ଜଳ ଓ ସ୍ୱାସ୍ଥ୍ୟ ଅଫିସମାନ ଆଗରେ ଠିଆ ହୋଇ କାମ ପାଇଁ ଯାଉଥିବା ଲୋକଙ୍କୁ ଲାଂଚ- ନଦେବା ପାଇଁ ବୁଝାଉଥିଲେ । ସୂଚନା ଅଧିକାର ଆଇନର ସେ ଜଣେ ଦୃଢ ପ୍ରବକ୍ତା ଥିଲେ । ତାଙ୍କ ଚେଷ୍ଟାରେ ୨୦୦୫ ମସିହାରେ ସୂଚନା ଅଧିକାର ଆଇନ ପ୍ରଣୟନ ହେଲା । ବିଭିନ୍ନ ସରକାରୀ ଯୋଜନାକୁ ସାମାଜିକ ତଦନ୍ତ କରି ୬୪ଟି କାମରେ ୬୦ ମିଲିଅନ ଟଙ୍କା ଆତ୍ମସାତ ହେବାର ଲୋକଙ୍କୁ ଜଣାଇଥିଲେ । ପିଡିଏସ ଯୋଜନାରେ କିପରି କଳା ବଜାର ହେଉଚି ତାହା ସମସ୍ତଙ୍କୁ ଜଣାଇଥିଲେ । ବିଶ୍ୱ ବ୍ୟାଙ୍କ ତରଫରୁ ବ୍ୟୟବହୁଳ ଜଳଯୋଗାଣକୁ ବିରୋଧ କରି ସେ କହିଲେ ଯେ, ଏହି ଯୋଜନା ଦ୍ୱାରା ଜଳକର ଦଶ ଗୁଣ ବଢି ଯିବ । ତାଙ୍କ ଦାବିରେ ତାହା ବନ୍ଦ ହେଲା । ଦିଲ୍ଲୀରେ ହୋଇଥିବା ଏସିଆନ ଗେମରେ ଅପବ୍ୟୟର ତଦନ୍ତ ଦାବି କରିଥଲେ । ଲୋକମାନଙ୍କୁ ଏକାଠି କରି ଦୁର୍ନିତୀ ଓ ଅନ୍ୟାୟ ବିରୁଦ୍ଧରେ ସର୍ବସାଧାରଣରେ ପ୍ରକାଶ ପାଇଁ ସେ ହିମତ ଦେଇଥିଲେ ଓ ଲୋକ ଅଦାଲତ ଡକାଇଥିଲେ । ଆନ୍ନା ହଜାରୀଙ୍କ ଜନଆନ୍ଦୋଳନରେ ସେ ମୁଖ୍ୟ ସୂତ୍ରଧର ଥିଲେ । ଜନ ଲୋକପାଳ ଆଇନ ପାଇଁ ସେ ଆନ୍ନାଙ୍କ ସହ ଅନଶନରେ ବସିଲେ, ଗିରଫ ହେଲେ । ଅନେକ ଦାବି ପରେ ସରକାର ଏକ ମିଛି ମିଛିକା ଦାନ୍ତହୀନ ଲୋକପାଳ ଆଇନ ଆଣିଲେ, ଯାହାଠାରୁ ଦୁର୍ନୀତିରେ ବୁଡିଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ନ୍ୟାୟିକ ବ୍ୟବସ୍ଥା ବାଦ ପଡିଲେ । ସରକାର କହିଲେ ଯେ ଆନ୍ଦୋଳନକାରୀ ନିର୍ବାଚିତ ପ୍ରତିନିଧିଙ୍କୁ ବାଧ୍ୟ କରିପାରିବେ ନାହିଁ । କେଜରିୱାଲା କହିଲେ ପ୍ରତିନିଧିମାନେ ସ୍ୱେଚ୍ଛାଚାରୀ ହୋଇପାରିବେ ନାହିଁ । ଶେଷକୁ ସେ ନିଜେ ନିର୍ବାଚନ ରାଜନୀତିରେ ପଶିବା ପାଇଁ ଆମ ଆଦମୀ ପାର୍ଟି ନାମରେ ଝାଡୁ ଚିହ୍ନ ଥିବା ଏକ ରାଜନୈତିକ ଦଳ ଗଠନ କଲେ (୨୦୧୨ ମସିହା) । ଲୋକଙ୍କୁ ଅଳ୍ପ ମୂଲ୍ୟରେ ବିଦ୍ୟୁତ, ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଘୋଷଣା କଲେ । ସେ କହିଲେ ବାଟମାରଣା ଯୋଗୁ ସବୁ ସେବା ମହଙ୍ଗା ହେଉଚି । ବାଟମାରଣା ବନ୍ଦ ହେଲେ ସବୁ ସେବା ଶସ୍ତାରେ ମିଳିବ । ୨୦୧୩ ମସିହାରେ ନିର୍ବାଚନ ଯୁଦ୍ଧ ଆରମ୍ଭ ହେଲା । ତାଙ୍କୁ ପାଗଳ ଅବାସ୍ତବବାଦୀ, ବିଦେଶୀ ଏଜେଂଟ ବୋଲି ପ୍ରଚାର କରାଗଲା, ବାରମ୍ବାର ତାଙ୍କ ଉପରକୁ ଚପଲ କାଳି ଫିଙ୍ଗାଗଲା । ମାତ୍ର ସେ ନିର୍ବାଚନରେ କଂଗ୍ରେସ ମୁଖ୍ୟମନ୍ତ୍ରୀ ଶିଳା ଦିକ୍ଷିତଙ୍କୁ ବହୁ ଭୋଟରେ ପରାସ୍ତ କରି ନିଜର ଲୋକପ୍ରିୟତାର ପ୍ରମାଣ ଦେଲେ । ବିଧାନସଭାରେ ୭୦ରୁ ୨୮ ଆସନ ପାଇଲେ । ତାଙ୍କୁ ହେୟ ମନେକରି ୩୧ ଆସନ ପାଇ ଏକକ ସଂଖ୍ୟାଗରିଷ୍ଠ ବିଜେପି ଦଳ ସରକାର ଗଠନ କଲାନି, ସେମାନେ ଭାବିଥିଲେ ସରକାର ଚଳାଇବାରେ ଅସଫଳ ହେବାରୁ ଲୋକମାନେ ଆମ ଆଦମି ଦଳକୁ ନୂତନ ନିର୍ବାଚନ ହେଲେ ପ୍ରତ୍ୟାଖ୍ୟାନ କରିବେ । କେଜରିୱାଲା ଅନ୍ୟମାନଙ୍କ ସହଯୋଗରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେଲେ । ମାତ୍ର ଅନ୍ୟମାନେ ସହଯୋଗ ନକରିବାରୁ ୪୯ ଦିନ ପରେ ଇସ୍ତଫା ଦେଲେ । ଖାମଖିଆଲି ଭାବରେ ନରେନ୍ଦ୍ର ମୋଦିଙ୍କୁ ବାରାଣାସୀ ପାର୍ଲିଆମେଂଟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ଲଜ୍ଜାକର ପରାଜୟ ବରଣ କଲେ । ସମସ୍ତେ କହିଲେ, Kejriwala is finished.

୫. ୨୦୧୫ ନିର୍ବାଚନରେ କେନ୍ଦ୍ରରେ ବିଜେପି ସରକାର ଥିଲେ ମଧ୍ୟ ସେ ଦିଲ୍ଲୀରେ ଖାଲି କ୍ଷମତା ଅଧିକାର କଲେନି, ବିଜେପି ଦଳକୁ ମୂଳପୋଛ କରିଦେଇ ଇତିହାସ ରଚନା କଲେ (୩/୬୭) । ଏପର୍ଯ୍ୟନ୍ତ ଦିଲ୍ଲୀରେ ବିଜେପି ଆଉ ଚେର ଧରୁନି । ସରକାରକୁ ଆସିଲାପରେ ସେ ନିଜ ପ୍ରତିଜ୍ଞା ପୂର୍ଣ୍ଣ କରି ଶସ୍ତାରେ ଜଳ ଓ ବିଦ୍ୟୁତ ଯୋଗାଇ ତାହା ଯେ ସମ୍ଭବ ଦେଖାଇ ପୁରୁଣା ନେତାଙ୍କ ମୁହଁରେ କଳା ବୋଳିଛନ୍ତି । ସେମାନେ ଯେ ଏପର୍ଯ୍ୟନ୍ତ ଲୋକସେବା ନକରି ନିଜ ସେବା କରୁଥିଲେ ତାହା ମଧ୍ୟ ପ୍ରମାଣ କରିଛନ୍ତି । ତାଙ୍କୁ ଅକଳରେ ପକାଇବା ପାଇଁ ନାନା ବାଧା ସୃଷ୍ଟି କରାଯାଇଛି । ଦିଲ୍ଲୀର କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଛୋଟଲାଟ ନାସିବ ଜଙ୍ଗ ତାଙ୍କୁ ସବୁବେଳେ ଅସହଯୋଗ କରିଛନ୍ତି । ଏପରି ଅବସ୍ଥା ହେଲା ଯେ ସେ ସରକାରରେ ଥାଇ ନିଜେ ଅନଶନରେ ବସିଥିଲେ । ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ସବୁବେଳେ ଦାବି କରିଆସିଛନ୍ତି । ନିଜେ ଦିଲ୍ଲୀରେ ଆଇନ କରି ଦୁର୍ନୀତି ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ପ୍ରଦୂଷଣକୁ ରୋକିବା ପାଇଁ, ଗାଡି ଚାଳନା ପାଇଁ ଅଡ ଇଭନ ନମ୍ବର ପ୍ରଚଳନ କରିଛନ୍ତି । ଲୋକମାନଙ୍କର ସୁବିଧା ପାଇଁ ସେ ମହଲା ହସପିଟାଲ ପ୍ରତିଷ୍ଠା କରିଛନ୍ତି । ସରକାରଙ୍କଠାରୁ ଜମି ନେଇ ସ୍କୁଲ ଓ ହସପିଟାଲ କରିଥିବା ପୁଞ୍ଜିପତିଙ୍କୁ ଗରିବଙ୍କୁ ଅଗ୍ରାଧିକାର ଦବାକୁ ବାଧ୍ୟ କରିଛନ୍ତି । ଅନେକ ଅବାଂଛିତ ଟିପ୍ପଣି ପାଇଁ ତାଙ୍କୁ ଅନେକବାର ଅପଦସ୍ତ ହେବାକୁ ପଡିଛି । ନିତିନ ଗଡକାରୀ, ମୁକେଶ ଅମ୍ୱାନୀ, ଅରୁଣ ଜେଟଲୀ ଓ ବହୁ ଲୋକଙ୍କୁ କୋର୍ଟ ଆଦେଶରେ ନିସର୍ତ କ୍ଷମା ମାଗିବାକୁ ସେ ବାଧ୍ୟ ହୋଇଛନ୍ତି । ତାଙ୍କ ମୁହଁକୁ ଚପଲ, ଧୂଳି, କାଳି ଫିଙ୍ଗା ଯାଇଛି । ଗଣମାଧ୍ୟମମାନେ ତାଙ୍କୁ ନେଇ ଅନେକ ବ୍ୟଙ୍ଗ କରିଛନ୍ତି । ସେ କହୁଥିବା କଥା ଯେ ସତ ତାହା କିନ୍ତୁ ସାଧାରଣ ଆମ ଆଦମୀ ବିଶ୍ୱାସ କରିଛି । ଶେଷରେ ନିକଟରେ ହୋଇଥିବା ପଞ୍ଜାବ ରାଜ୍ୟ ବିଧାନସଭାରେ ସେ ୧୧୭ ଆସନରୁ ୯୨ ଆସନ ଅଧିକାର କରି ସାରା ଦେଶରେ ଚହଳ ପକାଇଛନ୍ତି ଓ ଲୋକେ ଯେ ପରିବର୍ତନ ଚାହିଁଲେଣି, ତାହା ପ୍ରମାଣ କରିଛନ୍ତି ।

**ଡାଃ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬**

# ରାଜ୍ୟରେ ଆତ୍ମହତ୍ୟା ବଢୁଛି: ପୁଲିସ ବାବୁଙ୍କ ପାଇଁ ମାନସିକ ଅବସାଦ ବଡ଼ ସମସ୍ୟା



ଓଡ଼ିଶାରେ ଦୁଇ ଦୁଇଟି ନିର୍ବାଚନ ହୋଇଗଲା । ତଥାକଥିତ ଭାବେ ଆଏଏସ୍ ସଙ୍ଘ ଓ ଆଇପିଏସ ସଙ୍ଘ ଓଡ଼ିଶାର ବଡ଼ ମୁରବୀ ମୁଖ୍ୟମନ୍ତ୍ରୀଙ୍କୁ ଯାଇକି ସମ୍ବର୍ଦ୍ଧନା ଦେଇଥିଲେ । କିନ୍ତୁ ଏହା ପଛର ଘଟଣା ଟିକେ ଭିନ୍ନ । ଛୁଟି ପାଇନଥିବା ଏବଂ ମାନସିକ ଅବସାଦ ଭିତରେ ଥିବା ଜଣେ ଗାଙ୍ଗପୁରର ଆଇଆଇସି ତାଙ୍କ ଜୀବନକୁ ନଷ୍ଟ କରିଦେଲେ । ଏହା ହେଉଛି କ'ଣ ଓଡ଼ିଶାର ଶ୍ରେଷ୍ଠ ପ୍ରଶାସନ ଓ ନୀତିନିଷ୍ଠ, ସମର୍ପିତ ସଙ୍କଳ୍ପ ଓ ତଥାକଥିତ ସ୍ୱଚ୍ଛ ଶାସନର ଧାରା? ଆତ୍ମହତ୍ୟା ଏକ ଜୀବନ ନୁହେଁ । ଜୀବନର କ୍ଷଣ ଭଙ୍ଗୁର ଓ କର୍ମ ସଂସ୍ଥାନ ଭିତରେ ସମସ୍ତଙ୍କର ଦୁଃଖ ବି ଅଛି । ସେମାନେ ସାଧାରଣ ଲୋକ ହୁଅନ୍ତୁ ବା ରାଜନେତା, ଡାକ୍ତର ହୁଅନ୍ତୁ ବା ପୋଲିସ ବାବୁ । ଜୀବନଟା ହିଁ ଏହିପରି ଏକ ଦୁଃଖ ମୁହୂର୍ତ୍ତ ଭିତରେ କିଛିଦିନ ତଳେ ଗାଙ୍ଗପୁର ଥାନା ଅଇଆଇସି ଦେବ କୁମାର ଗମାଙ୍ଗ ଆତ୍ମହତ୍ୟା ଘଟଣାରେ ପୁଲିସର ମାନସିକ ଚାପ ବଷୟ ଉଠିଥିଲା । ନିଜେ ଗଞ୍ଜାମ ଏସପି ସେ ମାନସିକ ଚାପରେ ଥିଲେ ବୋଲି କହିଥିଲେ । ତେବେ, ଏହି ଘଟଣା ପ୍ରଥମ ନୁହେଁ । ବିଭିନ୍ନ ସମୟରେ ମାନସିକ ଚାପରେ ପଡ଼ି କେଉଁଠି ପୁଲିସ ବାବୁ ମାନସିକ ସନ୍ତୁଳନ ହରାଉଛନ୍ତତି ତ କେଉଁଠି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି । ଗଲା କିଛି ବର୍ଷ ଭିତରେ ଚାରି ଜଣ ପୁଲିସ ଅଧିକାରୀ ଆତ୍ମହତ୍ୟା କଲେଣି । ଦୈନିକ ୧୮ଘଣ୍ଟାର ଡ୍ୟୁଟି ଏହାପଛରେ ଏକ ବଡ଼ କାରଣ ବୋଲି କୁହାଯାଉଥିବାବେଳେ, ଏ କ୍ଷେତ୍ରରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ।

ନିକଟରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ପୁଲିସ ଅନୁସନ୍ଧାନ ଓ ବିକାଶର ବ୍ୟୁରୋର ଅନୁଶୀଳନ ଅନୁଯାୟୀ ଜାତୀୟ ସ୍ତରରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ପୁଲିସ ଆଠ ଘଣ୍ଟା ବଦଳରେ ଅଠର ଘଣ୍ଟା ଖଟୁଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଜଣେ ପୁଲିସ ଅଧିକାରୀ ବାର୍ଷିକ ସର୍ବାଧିକ ସାତରୁ ଆଠଟି ଅପରାଧିକ ମାମଲାର ତଦନ୍ତ କରିବା କଥା । କିନ୍ତୁ ରାଜ୍ୟରେ ଜଣେ ପୁଲିସ ଅଫିସର ହାରାହାରି ୮୦ଟି ଅପରାଧିକ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି । ଅର୍ଥାତ ସାଢ଼େ ଚାରି ଦିନରେ ଗୋଟିଏ ମାମଲାର ତଦନ୍ତ ଦାୟିତ୍ୱ ଜଣେ ପୁଲିସ ଅଫିସର ନେଉଛନ୍ତି । ଗୁଣାତ୍ମକ ତଦନ୍ତ ହେଉନଥିବାରୁ ଓଡ଼ିଶା ପୁଲିସରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋର ୨୦୨୦ ରିପୋର୍ଟ ଅନୁଯାୟୀ, ଦୋଷୀ ସାବ୍ୟସ୍ତ ହାର ମାତ୍ର ୧୧.୨ ପ୍ରତିଶତ । ଏହି ତାଲିକାରେ ଓଡ଼ିଶା ତଳକୁ କେବଳ ଆସାମ (୫.୪) ରହିଛି । ସ୍ୱଳ୍ପ ସମୟ ଭିତରେ ମାମଲାର ତଦନ୍ତ ଭାର କୋର୍ଟରେ ଚାର୍ଜସିଟ ଦାଖଲ, ସାକ୍ଷୀ ପ୍ରଦାନ, ସନ୍ଧ୍ୟା ପାଟ୍ରୋଲିଂ, ଥାନାରେ ଡିସିଓ (ଡାଏରୀ ଚାର୍ଜ ଅଫିସର), ରାଜ୍ୟ ବାହାରକୁ ଅପରାଧୀ ଖସି ଯାଇଥିଲେ ତାକୁ ଧରିବାକୁ ଯିବା ଭଳି ଦାୟିତ୍ୱ ଜଣେ ପୁଲିସ ଅଫିସର ପକ୍ଷେ କିଭଳି ସମ୍ଭବପର ହେବ ତାହା ଏବେ ଚିନ୍ତାର ବିଷୟ ହୋଇଛି ।

ବ୍ୟବସ୍ଥା ଅନୁଯାୟୀ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୪୦ ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା । କିନ୍ତୁ ଓଡ଼ିଶାରେ ପ୍ରତି ୧ ଲକ୍ଷ ଜନସଂଖ୍ୟା ପାଇଁ ମଞ୍ଜୁରୀପ୍ରାପ୍ତ ପୁଲିସ ପଦବୀ ମାତ୍ର ୯୮ । ତା'ଠାରୁ ମଞ୍ଜୁରୀପ୍ରାପ୍ତ ପଦବୀର ୧୫ ପ୍ରତିଶତ ଫାଙ୍କା ପଡ଼ିଛି । ନିଅଣ୍ଟିଆ ଲୋକବଳ ଓ ଭିତ୍ତିଭୂମି ଅଭାବ ଯୋଗୁଁ ପୁଲିସ ଅଧିକାରୀ ମାନସିକ ଚାପର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥାନା ସ୍ତରରେ ୧୦୦ : ୫୦ ଅନୁପାତରେ ପୁଲିସ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରି କାମ ଚାପ କମାଇବା କ୍ଷେତ୍ରରେ ୨୦୦୮ ଅଗଷ୍ଟରେ ପୁଲିସ ମୁଖ୍ୟାଳୟ ଦ୍ୱାରା ଗୃହୀତ ପ୍ରସ୍ତାବକୁ ଗୃହ ବିଭାଗ ଏ ଯାଏ ଅନୁମୋଦନ କରୁନାହିଁ । ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲେ ଜଣେ ପୁଲିସ ଅଫିସର ଓ କର୍ମଚାରୀ ଆଠଘଣ୍ଟା ଲେଖାଏଁ କରି ୩ଟି ସିଫ୍ଟରେ ୨୪ ଘଣ୍ଟିଆ ଡ୍ୟୁଟି କରିଥାନ୍ତି । ଅନ୍ୟ ଏକ କାରଣ ହେଉଛି ଜଣେ ପୁଲିସ କର୍ମଚାରୀଙ୍କ ସିଏଲ ୨୦ଟି ଓ ଇଏଲ ୪୫ଟି ରହୁଥିବାବେଳେ ଅନେକ ଥାନାରେ ମାମଲା ଶେଷ ନକରିବା ପୂର୍ବରୁ ଛୁଟି ଅଫିସରଙ୍କୁ ଜିଲ୍ଲା ଏସପିମାନେ ଛୁଟି ଦେଉନାହାଁନ୍ତି । ଏ ସମ୍ପର୍କରେ ପୂର୍ବତନ ପୁଲିସ ଡିଜି ବିପିନ ବିହାରୀ ମିଶ୍ର କହିବା ଅନୁଯାୟୀ ଓଡ଼ିଶା ପୁଲିସରେ କର୍ମଚାରୀଙ୍କ ଡ୍ୟୁଟି ସମୟ ୮ଘଣ୍ଟା ମଧରେ ସୀମିତ ନରଖିଲେ, ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଏହାର ପ୍ରଭାବ ପଡ଼ିବ । ଗୁଜୁରାଟ ଭଳି ରାଜ୍ୟରେ ଗୋଟିଏ ଲେଖାଏଁ ଥାନାରେ ପାଖାପାଖି ୫୦ ଜଣ କନଷ୍ଟେବଳ କାର୍ଯ୍ୟ କରୁଛନ୍ତି । ଭାଇ, ବଡ଼ ସତକଥା କହୁଛି ଜୀବନଟା କାହିଁ ନେବା ଆମେ କର୍ମସଂସ୍ଥାନ, ଦୁଃଖ, ଦୁର୍ଦ୍ଦଶା ସବୁତ ଅଛି ହେଲେ ତାର ମୂଲ୍ୟବୋଧ କ'ଣ ଜୀବନର ପରିଣାମ ଭଗବାନ ନକରନ୍ତୁ ଆପଣଙ୍କ ଘର ସଂସାର ଭଲରେ ଥାଉ ଏବଂ ଗୋଟିଏ ମୂଲ୍ୟବାନ ଜୀବନ ପରିବାର, ଆଦର୍ଶ, ମୂଲ୍ୟବୋଧ ଓ କର୍ମସଂସ୍ଥାନ ସବୁକିଛି ଭଲରେ ରଖନ୍ତୁ ଏହା ହିଁ ଭଗବାନଙ୍କ ପାଖରେ ମୋର ପ୍ରାର୍ଥନା ।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ମୋବାଇଲ : ୯୧୩୨୪୩୩୩୩୩

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ



ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଓଡିଶା ଦିବସ-୨୦୨୨ ଗତକାଲି ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସକାଳେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହା ପରେ ସକାଳ ସାଢେ ୮ଘଟିକା ସମୟରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ ସ୍ଥାନୀୟ ଆଂଚଳିକ ଆର୍ଟ ଗ୍ୟାଲେରୀରେ ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟାକୃତି ଏବଂ ଜୀବନୀ ଆଧାରିତ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଉଦଘାଟନ କରିଥିଲେ । ଏଥିରେ ବ୍ୟାସକବିଙ୍କର ପ୍ରାୟ ୫୦ଟି କ୍ୟାନଭାସ୍ ଚିତ୍ରକଳା ସ୍ଥାନିତ ହୋଇଥିଲା । ଏହା ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଂଟନ କରିଥିଲେ । ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ ବିଭାଗର ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ସାଧାରଣ ସଭା ସହିତ ପୁରସ୍କାର ବିତରଣ, ସ୍ୱତନ୍ତ୍ର ବନ୍ଦେ ଉତ୍କଳ ଜନନୀ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଠିକ୍ ସନ୍ଧ୍ୟା ୬ଘଟିକା ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସାଧାରଣ ସଭାରେ ସଭାପତିତ୍ୱ କରିବା ସହିତ ଉଭୟ ଓଡିଆ ଭାଷା ଏବଂ ଓଡିଶା ଏବେ ବିଶ୍ୱରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିବା କହିଥିଲେ ।




ମୁଖ୍ୟ ଅତିଥି ଶ୍ରୀ ନାରାୟଣ ପ୍ରଧାନ ଆମ ପୂର୍ବସୂରୀମାନେ ଓଡିଆ ଭାଷା ପାଇଁ ଦେଇଥିବା ବଳିଦାନ ଏବଂ ଓଡିଶାରେ ଏବେ ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିଥିବା ଉଲ୍ଲେଖ କରିଥିଲେ । ବରେଣ୍ୟ ଅତିଥି ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ ଓଡିଶା ଏବେ ସବୁଥିରେ ଆଗୁଆ ହୋଇପାରିଥିବା ମତବ୍ୟକ୍ତ କରିଥିଲେ । ଆଜିର ଦିବସରେ ନୂତନ ସଙ୍କଳ୍ପ ନେଇ ଆଗକୁ ବଢିବାକୁ ସେ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ପୌରାଂଚଳ ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ୍ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାଷା ଭିତିକ ସ୍ୱତନ୍ତ୍ର ପ୍ରଦେଶ 'ଓଡିଶା'ଗଠନର ପୃଷ୍ଠଭୂମି ଓ ଉତ୍ସବ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ । ସାଧାରଣ ସଭା ପରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଦ୍ୟାଳୟ-ମହାବିଦ୍ୟାଳୟସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ ପରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ "କଳାକାର" ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୨ଟି ଦେଶାତ୍ମବୋଧ ସଙ୍ଗୀତ କଳାକାରମାନଙ୍କ ଦ୍ୱାରା ଗାନ କରାଯାଇଥିଲା । ସେହିପରି ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ଦ୍ୱାରା ୫ଟି ଦେଶାତ୍ମବୋଧ ନୃତ୍ୟ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉତ୍କଳ ଭାଷା ବନ୍ଦନା ଓ ବ୍ୟାସକବି ଫକୀରମୋହନଙ୍କ ରଚିତ ଭାଷା ବନ୍ଦନା ଡାକବାଜି ଯନ୍ତ୍ର ଦ୍ୱାରା ସହରର ବିଭିନ୍ନ ଅଂଚଳରେ ପ୍ରଚାର କରାଯାଇଥିଲା । ଓଡିଶା ଦିବସ ଅବସରରେ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କୋଠାକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ଜିଲ୍ଲାସ୍ତରୀୟ ଓଡିଶା ଦିବସର ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ଅଧାପନ୍ତରିଆ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ କେବେ ?



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ୨ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ରହିଛି । ପ୍ରକଳ୍ପ ନିର୍ମାଣସ୍ଥଳ ଜମି ବିବାଦ ଏବେ କୋର୍ଟରେ ବିଚାରାଧୀନ ଥିବା ବେଳେ ଏହି ଚର୍ଚ୍ଚିତ ପାନୀୟ ଜଳ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ଏ ପ୍ରଶ୍ନର ଉତର କାହାରି ପାଖରୁ ମିଳୁନାହିଁ । ଏବେଠାରୁ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ଲୋକମାନେ ପାଣି ମୁନ୍ଦେ ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନଥିବାରୁ ଦୀର୍ଘଦିନ ହେଲା ନିକଟସ୍ଥ ଉତର ଶାସନ, ଦୁବଗଡ଼ିଆ, ଦକ୍ଷିଣ ଶାସନ, ଶଙ୍ଖାରିଡ଼ିହ ଓ ଉତର ଶାସନ(ଖ) ଗ୍ରାମବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି । ପ୍ରକାଶ ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟରେ ଉତର ଶାସନ ଗ୍ରାମ ନଣ୍ଡା ମହାଦେବ ମନ୍ଦିର ନିକଟରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା । ୨୦୧୯ ନଭେମ୍ବର ୧ତାରିଖରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଏଠାରେ ଘର, ବୋରିଂ, ଓଭର ହେଡ୍ ପାଣିଟାଙ୍କି, ବିଦ୍ୟୁତ୍ ସଂଯୋଗ, ପାଇପ୍ ବିଛାଯିବା ସହିତ ପାଚେରୀ ଆଦି ନିର୍ମାଣ କରାଯାଇଥିଲା । ହେଲେ ପ୍ରକଳ୍ପ ନିର୍ମାଣସ୍ଥଳ ଜମି ମାଲିକାନାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହାକୁ ବ୍ୟକ୍ତିଗତ ଜମି ଦର୍ଶାଇ ବେଆଇନ ପ୍ରକଳ୍ପ ନିର୍ମାଣ ବିରୋଧରେ କୋର୍ଟରେ ମାମଲା ରୁଜୁ ହୋଇଥିଲା । ପରେ କୋର୍ଟ ନିର୍ଦ୍ଦେଶକ୍ରମେ ଏଠାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ଇତି ମଧ୍ୟରେ ପ୍ରକଳ୍ପ ନିର୍ମାଣକୁ ୨ବର୍ଷ ବିତି ଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ କେହି ମୁଣ୍ଡ ଖେଳାଉ ନାହାଁନ୍ତି । ରାଜ୍ୟ ସରକାର ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦୂରଦୃଷ୍ଟିହୀନତା ଯୋଗୁ ଏଠାରେ ଏକ ବିବାଦୀୟ ଜମିରେ ଉକ୍ତ ମୂଲ୍ୟବାନ ପ୍ରକଳ୍ପର ନିର୍ମାଣ କରାଗଲା । ସିଂହଭାଗ ଅର୍ଥ ଖର୍ଚ୍ଚ ସରିବାପରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଗଲା । ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ ହେଲା ଅଥଚ ଏଠାକାର ଅଞ୍ଚଳବାସୀ ପାନୀୟ ଜଳ ପାଇବାରେ ବଞ୍ଚିତ ହେଲେ । ଖରା ମାସରେ ୫ଟି ଗ୍ରାମର ୪ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ବାଧ୍ୟ ହୋଇ ଲୋକମାନେ ବ୍ୟକ୍ତିଗତ ଉଦ୍ୟମରେ ଜଳଉତ୍ସ ସୃଷ୍ଟି କରୁଥିବା ବେଳେ ଗରିବ ଲୋକମାନେ କୂଅ ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି । ହେଲେ ଏସବୁ ଜଳ ଉତ୍ସ ଏବେଠାରୁ ଶୁଖିବା ଆରମ୍ଭ କରି ଦେଇଥିବାରୁ ଆଗାମୀ ଦିନରେ ଜଳ ସଂକଟ ଏଠାରେ ଉତ୍କଟ ଆକାର ଧାରଣ କରିବା ସମ୍ଭାବନା ସୃଷ୍ଟି ହୋଇଛି । ଗୋରୁ ଗାଈ ଓ ଅନ୍ୟ ପଶୁପକ୍ଷୀ ପିଇବାପାଇଁ ପାଣି ମୁନ୍ଦେ ପାଇବେ ନାହିଁ । ଏପଟେ ପାଇପ୍ ବିଛାଇବା ନାଁରେ ଠିକାଦାର ଅଧିକାଂଶ ରାସ୍ତାକୁ ଖୋଳି ପକାଇଥିଲେ ହେଁ, ଏହାକୁ ମରାମତି ନକରି ଛାଡ଼ି ଦେଇଛନ୍ତି । ଫଳରେ ଲୋକମାନଙ୍କ ଯାତାୟତରେ ମଧ୍ୟ ବାଧା ଉପୁଜିଛି । ପ୍ରକଳ୍ପକୁ ଅଧାପ'ରିଆ ଅବସ୍ଥାରେ ପକାଇ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ଉଠିଛି । ତୁରନ୍ତ ଯାଜପୁର ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି ।

# ଲୋକଙ୍କୁ ଭୁଆଁ ବୁଲାଇ ସରକାରୀ ଜମିରୁ ମାଟି ଲୁଟୁଛନ୍ତି ମାଫିଆ

ବାଲେଶ୍ୱର (ପିଏନ୍)- ବସ୍ତା ଅଞ୍ଚଳରେ ଦିନକୁ ଦିନ ସକ୍ରିୟ ହୋଇ ଉଠୁଛନ୍ତି ମାଟି ମାଫିଆ । କୋଉଠି ରାଜସ୍ୱ ବିଭାଗର ଆଖିରେ ଧୂଳି ଦେଇ ସରକାରୀ ଜମିରୁ ମାଟି ଲୁଟି ନେଉଛନ୍ତି ତ କୋଉଠି ଲୋଭନିୟ ପ୍ରତିଶ୍ରୁତି ଦେଇ ଲୋକଙ୍କ ଜମିରୁ ଆବଶ୍ୟକ ଠାରୁ ଅଧିକ ଗଭୀର କରି ମାଟି ଖୋଳି ନେଉଛନ୍ତି । ଏମିତି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ନଟାକଟା ପଞ୍ଚାୟତର ନଟାକଟା ଗ୍ରାମରେ, ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଥିବା ସରକାରୀ ଗୋଚର ଜମିରୁ ମାଟି ଦଲାଲ ଏବଂ ମାଫିଆ ମାନେ ଜେସିପି ଏବଂ ଟ୍ରାକ୍ଟର ଲଗାଇ ରାତି ଅଧିଆ ମାଟି ଲୁଟି ଚାଲିଛନ୍ତି । ଲୋକେ ଅଭିଯୋଗ କରିବାରୁ ଏହା ସରକାରଙ୍କ ୫ଟି ଯୋଜନାରେ ସ୍ମାର୍ଟ ସ୍କୁଲର ଖେଳ ପଡ଼ିଆ ନିର୍ମାଣ ପାଇଁ ଯାଉଛି ବୋଲି କହି ଭୁଆଁ ବୁଲାଉଛନ୍ତି । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାଟି ଖୋଳାକୁ ବିରୋଧ କରିଥିଲେ । ମାତ୍ର ମାଫିଆ ମାନେ ସେମାନଙ୍କୁ ବିଭିନ୍ନ ପ୍ରକାରର ଧମକ ଦେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନା ଥାଉ କି ଯେ, ଗ୍ରାମାଞ୍ଚଳ ମାନଙ୍କରେ ଗୋରୁ ଗାଈ ଚରାଇବା ପାଇଁ ଗୋଚର କିସମର ପଡ଼ିଆ ରହିଛି । ତେବେ କିଛି ଅସାଧୁ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ରହିଛି ଏହି ଜମି ଓ ପଡ଼ିଆ ଉପରେ । ବସ୍ତା ତହସିଲଦାର ଅମର୍ଦ୍ଦାରୋଡ ଆର ଆଇ ଅଧିନସ୍ତ ନଟାକଟା ପଞ୍ଚାୟତର ନଟାକଟା ମୌଜାରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି । ଏହିଠାରେ ଅସାଧୁ ବ୍ୟବସାୟୀ ଜଣକ ରାତରାତି ଜେସିବି ଯୋଗେ ଥିବା ଗୋଚର କିସମ ପଡିଆକୁ ତାଡି ମାଟି ବିକ୍ରି କରିଥିବା ବେଳେ ପୁଣି ତା' ପରଦିନ ଉକ୍ତ ଜମିରୁ ଟ୍ରାକ୍ଟର ଓ ଜେସିବି ଯୋଗେ ମାଟି ଖୋଳୁଥିବା ବେଳେ ଗ୍ରାମବାସୀ ମାନେ ବିରୋଧ କରିବାରୁ ଏହା ମୋ ସରକାର ୫ ଟି ସଚୀବ କାମ ବୋଲି କହିଥିଲେ । ଯଦି ବିରୋଧ କରିବ ଥାନାକୁ କହି ଗିରଫ କରିବା ଧମକ ଦେଇଥିଲେ ସଂପୃକ୍ତ ଠିକାଦାର ଜଣକ । କୋଣସି ଉପାୟ ନ ପାଇ ଗ୍ରାମବାସୀ ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ଆର ଆଇ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ ଘଟଣା ସ୍ଥଳରେ କେହି ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅମର୍ଦ୍ଦାରୋଡ ଆର ଆଇ କାର୍ଯ୍ୟାଳୟ ଠାରୁ ମାତ୍ର ୫୦ ମିଟର ଦୂରରେ ଏଭଳି ମାଟି ଚୋରୀ ହେଉଥିବା ବେଳେ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି ଓ ଗ୍ରାମାଞ୍ଚଳ ମାନଙ୍କରେ ଗୋଚର ଜମି ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ତେବେ ଏହି ଘଟଣା ସମ୍ପର୍କରେ ସଂପୃକ୍ତ ଠିକାଦାରଙ୍କୁ ପଚାରିବାରୁ ବସ୍ତା ବିଡ଼ିଓ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ୫ ଟି କାମ ପାଇଁ ଏହି ଜମିରୁ ମାଟି ଉଠାଇବାକୁ କହିଥିବା ପ୍ରକାଶ କରିଥିଲେ । ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ତହସିଲଦାର ନୁହନ୍ତି ଯେଉଁ ବ୍ୟକ୍ତି ଏହା କହିଛନ୍ତି ତାହା ଭିତ୍ତି ହୀନ ବୋଲି ପ୍ରକାଶ କରିଛନ୍ତି । ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଉକ୍ତ ଘଟଣା ବିଷୟରେ ପଚାରିବାରୁ ତଦନ୍ତ କରାଯାଉଛି ଏବଂ ଗୋଚର ଜମି ପ୍ରମାଣ ହେଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୨୯

# ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ : ବାଘ ମାମୁଁର ସୁରକ୍ଷା



ଅଲେଖ ଚନ୍ଦ୍ର ସାମଲ

ବାଘ, କେବଳ ଏକ ହୁଙ୍କାରରେ ସମସ୍ତଙ୍କୁ ଭୟଭୀତ କରିଥାଏ । ଏହି ଜନ୍ତୁଟି ମଧ୍ୟ ଭାରତର ଜାତୀୟ ପଶୁ ଭାବରେ ସ୍ଥାନିତ ହୋଇଛି । ବାଘଙ୍କର ସଂଖ୍ୟା ଅନ୍ତର୍ଜାତୀୟ ସ୍ତରରେ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଗବେଷକମାନେ ଏହି ଚେତାବନୀ ଅନେକ ପୂର୍ବରୁ ଦେଇସାରିଛନ୍ତି । ଏମାନଙ୍କ ସଂଖ୍ୟା ବୃଦ୍ଧି ନହେଲେ ଡାଇନୋସୋର ପରି ଏହି ଜୀବଟି ମଧ୍ୟ ଇତିହାସରେ ସ୍ଥାନ ପାଇବାର ସମ୍ଭାବନା ରହିଛି । ସବୁକିଛିକୁ ଲକ୍ଷ୍ୟରେ ରଖି ସେଣ୍ଟ ପିଟର୍ସବର୍ଗ ଠାରେ ଥିବା ଏକ ବ୍ୟାଘ୍ର କମିଟି ୨୦୧୦ ଠାରୁ ଏହି ଦିନକୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଭାବରେ ଘୋଷଣା କଲା । ଭାରତରେ ବାଘଙ୍କ ପ୍ରକୃତି ସଂଖ୍ୟା ନେଇ ଭିନ୍ନ ଚିତ୍ର ରହିଥିବାବେଳେ ନିକଟରେ କେନ୍ଦ୍ର ସରକାରଙ୍କ ତଥ୍ୟ ନେଇ ଏହା ହେଉଛି ୨୨୨୬ ଯାହାକି ବୈଜ୍ଞାନିକ ଭିତ୍ତିସମ୍ପନ୍ନ ତଥ୍ୟରୁ ଜଣାଯାଇଛି । ଗଭର୍ଣ୍ଣମେଣ୍ଟ ୱାଇଲଡ଼ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଡେରାଡୁନର ବିଶେଷଜ୍ଞମାନେ ଏକ ପ୍ରସ୍ତାବ ଦେଇଛନ୍ତି ଯେ କେନ୍ଦ୍ରୀୟ ଭାରତର ପ୍ରସିଦ୍ଧ ବ୍ୟାଘ୍ର ଅଭ୍ୟାରଣ କାହ୍ନା ନେସନାଲ ପାର୍କରେ ୩୦ ପ୍ରତିଶତ ବାଘ ରହିଛନ୍ତି । ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ – ‘ବ୍ୟାଘ୍ର ସୁରକ୍ଷା କ୍ଷେତ୍ରରେ ଭାରତର ଦୀର୍ଘ ଦିନରୁ ସଫଳ ରେକର୍ଡ଼ ରହିଛି । ୧୯୭୩ରେ ଆମେ ପ୍ରୋଜେକ୍ଟ ଟାଇଗର ଲଞ୍ଚ କରିଛୁ । ଏଥିରେ ଆରମ୍ଭରୁ ନଅଟି ବାଘ ଥିଲାବେଳେ ଏ ସଂଖ୍ୟା ଏବେ ୪୯ ହୋଇଛି । ବ୍ୟାଘ୍ର ସଂରକ୍ଷଣ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଦାୟିତ୍ୱ । ଦୟ ଓ ସ୍ୱବସ୍ଥାନକୁ ଉତ୍ସାହିତ କରୁଥିବା ଆମର ସାଂସ୍କୃତିକ ଉତ୍ତରଦାୟିତ୍ୱ ‘ପ୍ରୋଜେକ୍ଟ ଟାଇଗର’ ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଭଳି ମିଳିତ ଉଦ୍ୟମ ଦୃଷ୍ଟିରୁ ବାଘ ସଂଖ୍ୟା ୩୦ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୧୦ରେ ବାଘ ସଂଖ୍ୟା ୧୭୦୭ ଥିବାବେଳେ ୨୦୧୪ରେ ଏହି ସଂଖ୍ୟା ୨୨୨୬ରେ ପହଞ୍ଚିଛି’ । ନିକଟରେ ନୂଆଦିଲ୍ଲୀର ବିଶ୍ୱ ବ୍ୟାଘ୍ର ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଠକ ହୋଇଥିଲା । ଯେଉଁଥିରେ ଗୋଟିଏ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ବିଶ୍ୱରେ ବାଘ ସଂଖ୍ୟା ଦ୍ୱିଗୁଣ କରିବାର ଯୋଜନା ରଖାଯାଇଛି । ଏହି ଘୋଷଣା ୨୦୧୪ ଏପ୍ରିଲ ମାସରେ ହୋଇଥିବା ଗ୍ଲୋବାଲ ଟାଇଗର ଫୋରମ ବୈଠକରେ ଘୋଷିତ ହୋଇଛି । ଗ୍ଲୋବାଲ ଟାଇଗର ଫୋରମ୍‌ର ତଥ୍ୟ ଅନୁଯାୟୀ ୧୦୦ଲକ୍ଷ ପୂର୍ବେ ଏକଲକ୍ଷ ବାଘ ଥିଲେ । ୨୦୧୦ରେ ଏ ସଂଖ୍ୟା ମାତ୍ର ୩୨୦୦ । ତେବେ ବାଘ ରହୁଥିବା ଦେଶର ସରକାରମାନେ ୨୦୨୨ ସୁଦ୍ଧା ଏହାକୁ ଦ୍ୱିଗୁଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ଏହି ଲକ୍ଷ୍ୟ ‘ଟି ଇନ୍‌ଟୁ ଟି’ ନାମରେ ପରିଚିତ । ବାଘ ଗଣନା ପାଇଁ ସାଧାରଣରେ ବାଘ ବିଶେଷଜ୍ଞମାନେ ଡିଏନ୍‌ଏ କୌଶଳ ପ୍ରୟୋଗ କରିଥାନ୍ତି । ଏହି ପଦ୍ଧତିରେ ବାଘ ଲୋମ କିମ୍ବା ମଳମୂତ୍ର ସଂଗ୍ରହ କରାଯାଇ ଏଗୁଡ଼ିକୁ ଜୈବରାସାୟନିକ ପଦ୍ଧତିରେ ବିଶ୍ଳେଷଣ କରାଯାଇ ବାଘଙ୍କ ଭିନ୍ନତା ପରୀକ୍ଷା କରାଯାଇଛି । ଏହା ନିରାଡର ତଥ୍ୟ ବାଘ୍ୟଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି । ସେମାନଙ୍କ ଜୀବନ ଧାରଣା ମାନ ମଧ୍ୟ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଞ୍ଚିଛି । ରାଜନୀତିର ଚିନ୍ତନର ଉର୍ଦ୍ଧ୍ୱକୁ ଯାଇ ବ୍ୟକ୍ତିଗତ ଭାବେ ଆମକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେବାର ଅଛି । ଏହି ଲେଖକ ସରକାରୀ କାର୍ଯ୍ୟକ୍ରମ ଭିତରେ ବ୍ୟାଘ୍ର ସଂରକ୍ଷଣ ଆନ୍ଦୋଳନକୁ ସମର୍ଥନ କରୁଛି । ଓଡ଼ିଶା ସରକାର ବାଘଙ୍କ ସୁରକ୍ଷା ପାଇଁ ଯେଉଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ବାଘଙ୍କ ସୁରକ୍ଷା ପାଇଁ ବହୁତ ବଡ଼ କଥା । ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ପରିବେଶ ବିଭାଗର ମନ୍ତ୍ରୀ ଯେଉଁ ବାଘ ସଂରକ୍ଷଣ ଜନିତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହା ସୁଦୁର ପ୍ରସାରି ଓ ଜନହିତକାରୀ । କାରଣ ସାଧାରଣରେ ପିଲାଦିନର ସ୍ମୃତିରେ ବାଘ ମାମୁଁ କହିଲେ ଯେଉଁ ନ ଦେଖିଥିବା ଚରିତ୍ରକୁ ଚିହ୍ନିଥାଉ ତାହା ହେଉଛି ଆମ ସମୟର ବାଘ । ବିଭିନ୍ନ ଆଧାତ୍ମିକ ସଂଗଠନର କାର୍ଯ୍ୟକ୍ରମରେ ଏହି ଲେଖକର ପିଲାଦିନର ସ୍ମୃତି ରହିଛି । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ବୃତ୍ତିଗତ କ୍ଷେତ୍ର ଏ ସେବା କ୍ଷେତ୍ରକୁ ବ୍ୟାପକ କରିଛି । ଆଜି ବିଶ୍ୱ ବାଘ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ବାଘ ମାମୁଁଙ୍କୁ ଭଲ ପାଇବାର ମହୋନୀୟତା ରହୁ ଏହା ହିଁ କାମନା ।

*ଓଏଫଏସ୍-୧ (ଏସ୍.ବି.)*
*ପୂର୍ବତନ ଡିଏଫଓ (କେନ୍ଦୁଲିଫ୍), ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?



ଆଶୁତୋଷ ଦାଶ

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ । ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି । ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ । ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ । ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ । ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି । ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ । ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ । ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ । ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ । ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ । ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି । ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି । ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ । ରାଗ, ଅହଂକାର ଆଦି ଦୂର ହୋଇଯାଏ । ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ । କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ । ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି । ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି । ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ । ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି । ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ । ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା । ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ’ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ । ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା । ଏହି ଭକ୍ତଜଣକ ହେଲେ ମୀରାବାଈ । ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ । ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ । ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା । ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି । ସେ ରାଜ ପରିବାରର ସଦସ୍ୟ ଥିଲେ । ଭଗବାନଙ୍କୁ ପାଇବା ପାଇଁ କ’ଣ ତ୍ୟାଗ ନକଲେ । ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ । ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି । ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ । ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ । ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ’ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଲେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ । ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ । ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି । ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା । କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା । ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ । ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା !! ଏହା ରୁଗ୍‌ଣ କି ଆଉ କ’ଣ ତାହା ଆମର ଆଲୋଚନାର ପରିସର ବାହାରେ । ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ’ଣ କହିବା !! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା । ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା । ଏହା କ’ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ । ଦୁନିଆରେ ଚଳିବା ଅତି କଷ୍ଟକର । ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ । ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ । ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ । ପବିତ୍ର ଜନ୍ମାଷ୍ଟମୀରେ ଏହା ଆମର ଧ୍ୟେୟ ହେଉ ।

*‘କଳ୍ପନା’, ସିଦ୍ଧଳ, କାଦୁଆପଡ଼ା, ଜଗତସିଂହପୁର,*
*ଦୂରଭାଷ : ୯୪୩୭୧୭୯୨୭୬*

# ମା, ମିଲେଟ ଓ ମିଶନ୍ ଶକ୍ତି



ଡ଼ି ଶୁଭମ୍

ଓଡ଼ିଶା ଏବେ ବିକାଶର ଗାଥା ଗାଉଛି । ଆମ ରାଜ୍ୟ ଓଡ଼ିଶା- ଯେଉଁଠି ମାଟି ବି ବୀରତ୍ୱର କଥା କହେ, ପବନରେ ସଂଗ୍ରାମର ଇତିହାସ ବହେ । ଏ ମାଟି ଉଦ୍ୟୋଗର ମାଟି । ଏ ମାଟି ଉଦ୍ୟୋଗୀର ମାଟି । ଆଉ ଏ ମାଟି ମିଶନର ମାଟି । ଆଉ ଆଜି ଏ ମାଟିରେ ମିଶନ୍ ଶକ୍ତି ଠୁ ଆରମ୍ଭ କରି ମିଲେଟ ଯାଏଁ ସବୁ ଏକ ବୃହତ୍ତର ମିଶନରେ ପରିଗଣିତ ହୋଇଛନ୍ତି । ଆପଣ ଅଶୀ ନବେ ଦଶକ କୁ ଯଦି ଫେରିଯିବେ ଲକ୍ଷ୍ୟ କରିପାରିବେ , ସେତେବେଳେ ମା’ ମାନଙ୍କର ଭୂମିକା ଉଦ୍‌ଯୋଗ କ୍ଷେତ୍ରରେ ଏତେଟା ନଥିଲା । କିନ୍ତୁ ଏବେ ଆପଣ ଓଡ଼ିଶାର ରୂପାନ୍ତରଣକୁ ଲକ୍ଷ୍ୟ କରନ୍ତୁ । ଆଜି ମା’ ମାନେ ଉଦଯୋଗୀ । ଆଜି ମା’ ମାନେ କେବଳ ପଲ୍ଲୀ ଠାରୁ ଦିଲ୍ଲୀ ନୁହେଁ ବରଂ ଦେଶ ବିଦେଶରେ ଯାତ୍ରା କରି ନିଜ ଉଦ୍‌ଯୋଗର କଥା ପହଁଚ଼ାଇଛନ୍ତି । ଆଉ ଆମ ମା’ ମାନଙ୍କୁ ଆଜି ଶକ୍ତି ଯୋଗାଉଛି ମିଶନ୍ ଶକ୍ତି । ରାଜ୍ୟ ସରକାରଙ୍କ ଏକ ବିକଶିତ ପରିକଳ୍ପନା ହେଉଛି ମିଶନ ଶକ୍ତି । ଯେଉଁଠାରେ ମା’ ମାନଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆଜି ମିଶନଶକ୍ତି ମାଧ୍ୟମରେ ମା’ ମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିପାରୁଛନ୍ତି । ରାଜ୍ୟସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଜି ସଫଳତାର ମହକ ବୁଣୁଛି । ଏହାରି ଭିତରେ ମିଲେଟ ମିଶନ ଏହି ସଫଳତାରେ ଆଉ ଏକ ଖିଅ ଯୋଡ଼ିଛି ।ବନ୍ଧୁଗଣ , ଆପଣମାନେ ମାଣ୍ଡିଆ ବିଷୟରେ ପିଲାଟି ଦିନରୁ ଶୁଣିଥିବେ , ଏଥିରେ ଦ୍ୱିମତ ନାହିଁ । କିନ୍ତୁ ମାଣ୍ଡିଆ ପ୍ରତି ଯେଉଁ ଭାବନା ୧୫-୨୦ବର୍ଷ ତଳେ ଥିଲା ଆଜି ସେଥିରେ ଆକାଶ ପାତାଳ ତଫାତ୍ । ଆଜି ମାଣ୍ଡିଆ କେବଳ ଏକ ଲଘୁଶସ୍ୟ ନୁହେଁ , ଏହା ଏକ ମିଶନ । ରାଜ୍ୟସରକାରଙ୍କ କୃଷି ବିଭାଗ ଠାରୁ ଆରମ୍ଭ କରି ଓଡ଼ିଶା ମିଲେଟ ମିଶନ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ୨୦୨୩କୁ ଆନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବା ସହ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଇଥିଲା । ଏବେ ମାଣ୍ଡିଆ ପାଇଁ ଆକାଂକ୍ଷା ଆଉ ଉତ୍କଣ୍ଠା । ସବୁଠି ମିଲେଟର ଜୟଯାତ୍ରା । ମଲ୍ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ତ ପୁଣି ବିଭିନ୍ନ ଉତ୍ସବ ମାନଙ୍କରେ ମାଣ୍ଡିଆର ଖାଦ୍ୟ ପାଖରେ ଲୋକ ଭିଡ଼ ଜମେଇଲେଣି । କେବଳ ମଧୁମେହ ରୋଗୀ ନୁହେଁ ସମାଜର ସବୁ ଶ୍ରେଣୀ ଆଉ ସବୁ ବର୍ଗର ଲୋକେ ଏହାକୁ ଏବେ ନିଜ ଖାଦ୍ୟରେ ସାମିଲ କଲେଣି । ମିଶନ୍ ଶକ୍ତି ମା’ ମାନେ ଏବେ ମିଲେଟ ଶକ୍ତି କାଫେ ରେ ନିଜର ପାରଦର୍ଶିତା ଦେଖାଇଲେଣି । ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟପେୟ ଏବେ ଏହି କାଫେରେ ଉପଲବ୍ଧ । ଏଥିରେ ମା’ ମାନଙ୍କର ହିଁ ଭୂମିକା ଅଧିକ । ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ବିପ୍ଳବରେ ରୂପାନ୍ତରିତ ହୋଇଛି । ଶୁଷ୍କ ମାଟିର ସୁନା ମାଣ୍ଡିଆକୁ ଚ଼ାଷ କରିବା ପାଇଁ ଚ଼ାଷୀ ଏବେ ବେଶ ଆଗଭର । ଚ଼ାଷୀ ମାନଙ୍କୁ ଏ ଦିଗରେ ତାଲିମ ମିଳିବା ସହ ମିଲେଟ ମିଶନ ଜରିଆରେ ଅନେକ ଉପଯୋଗୀ ପନ୍ଥା ଆପଣାଯାଉଛି । ଏମିତିକି ବଡ଼ ବଡ଼ ହୋଟେଲ ମାନେ ଏବେ ଖାଦ୍ୟ ମେନୁରେ ମାଣ୍ଡିଆକୁ ସାମିଲ କରିବାକୁ ମନ ବଳାଇଛନ୍ତି । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ତରଫରୁ ମାଣ୍ଡିଆର ଭୂ ପ୍ରଜାତି ଜାରି କରିବାରେ ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ୧୬୩ଟି ଭୂପ୍ରଜାତିର ଚ଼ିହ୍ନଟକରଣ କରାଯିବା ସହ ଏ ଦିଗରେ ବେଶ ତତ୍ପର ଭାବେ କାମ କରୁଛନ୍ତି ରାଜ୍ୟ ସରକାର । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଓ କୃଷକର ବିକାଶ ଆଭିମୁଖ୍ୟକୁ ନେଇ ଏହି ମିଲେଟ ମିଶନ ଆଗାମୀ ଦିନର ସଫଳତାର ତୂର୍ଯ୍ୟନାଦ କରିବ ।ଓଡ଼ିଶା ମିଲେଟ ମିଶନ ଏବେ ଏକ ବିପ୍ଳବରେ ପରିଣତ ହେଲାଣି । ଫାର୍ମରୁ ପ୍ଲେଟ ଯାଏଁ ମାଣ୍ଡିଆ ଆଜି ସଫଳତାର ଗୀତ ଗାଉଛି । ମିଶନ୍ ଶକ୍ତି ,କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ପରି ବିଭନ୍ନ ବିଭାଗ ମାନେ ଏବେ ଏହି ସଫଳତାରେ ଯୋଡ଼ି ହୋଇଛନ୍ତି । ଆମ ରାଜ୍ୟର ମିଲେଟ ମିଶନ ଏବେ ୧୯ଟି ଜିଲ୍ଲାରେ ପ୍ରସାର ହେବା ସହ ବର୍ତ୍ତମାନ ସମୟରେ ବୌଦ୍ଧ, ଢ଼େଙ୍କାନାଳ , ଝାରସୁଗୁଡ଼ା ଓ ନୟାଗଡ଼ ଜିଲ୍ଲା ଏହି ପ୍ରୟାସର ସାମିଲ ହୋଇଛନ୍ତି । ୧୪୨ ବ୍ଲକର ୧୭୨୨ ଗ୍ରାମ ପଂଚ଼ାୟତର ୧୬୯୮୯ ଗ୍ରାମର ପାଖାପାଖି ୧.୨୯ଲକ୍ଷ ଚ଼ାଷୀ ମାନେ ଆଜି ମିଲେଟ ମିଶନରେ ଯୋଡ଼ି ଏହି ବିପ୍ଳବର ସାରଥି ସାଜିଛନ୍ତି । ୨୦୨୦-୨୧ ସୁଦ୍ଧା ପାଖାପାଖି ୭ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଏହି ମିଶନ ଦ୍ୱାରା ଉତ୍ପାଦିତ ହୋଇଥିଲା । ଓଡ଼ିଶା ମିଲେଟ ମିଶନ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଚ଼ାଷ କରିବା ସହ ଚ଼ାଷ ଜମିର ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦିଏ । ଏକ ସୁସ୍ଥ,ସବୁଜ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶା ମିଲେଟ ମିଶନ ସଂକଳ୍ପବଦ୍ଧ । ଆସନ୍ତୁ ଆପଣ ବି ଏ ବିପ୍ଳବରେ ଯୋଡ଼ି ହୁଅନ୍ତୁ । ମିଶନ ଶକ୍ତି ଓ ମିଲେଟ ମିଶନ - ଏଦୁଇଟି ବୈପ୍ଳବିକ ଆହ୍ୱାନ କୁ ମା’ ମାନେ ଶାଣିତ କରୁଛନ୍ତି । ଆଜି ଆମ ରାଜ୍ୟର ମା’ ମାନେ ଜଣେ ଜଣେ ଉଦ୍ୟୋଗୀ । ମା ,ମିଲେଟ୍ ଓ ମିଶନ୍ ଶକ୍ତି -ଆମ ରାଜ୍ୟର ପରିଚ଼ୟକୁ ଦ୍ୱିଗୁଣିତ କରିଛନ୍ତି । ଏକ ସମୃଦ୍ଧ ତଥା ବିକଶିତ ଓଡ଼ିଶା ଗଠନରେ ଏ ତିନୋଟିର ସମନ୍ୱୟ ଓ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ।

(ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା) , ଭୁବନେଶ୍ୱର , ମୋ-୯୪୩୮୪୬୭୦୭୯)

# ଆକ୍ୟୁପଙ୍କଚର୍



ଶେଖ୍ ଫରିଦ୍‌ଉଦ୍ଦିନ୍

ଆଲୋପାଥି ଚିକିତ୍ସାର ଏହି ଯୁଗରେ ‘ଆକ୍ୟୁପଙ୍କଚର୍’ ? ଏହା କେହି କେହି ପସନ୍ଦ କରନ୍ତି ନାହିଁ ! କିନ୍ତୁ ଏହି ପଦ୍ଧତି ଯେତେ ସହଜ, ସେତେ ଶିଘ୍ର ଆରୋଗ୍ୟ ଦିଏ । ଶରୀରର କିଛି ନିଶ୍ଚିତ ବିନ୍ଦୁରେ ଛୁଞ୍ଚି ଫୋଡ଼ି ବିଭିନ୍ନ ରୋଗର ଚିକିତ୍ସା କରାଯାଏ । ‘ଆକ୍ୟୁପଙ୍କଚର୍’ର ପ୍ରରମ୍ଭ ହେଲା ଚୀନରେ । ଚୀନ୍‌ର ଟେଓଇଷ୍ଟ ଧର୍ମ ଅନୁସାରେ ୟେଗ୍ ଓ ୟିଗ୍ ନାମକ ଦୁଇ ବିପରୀତ ଅବସ୍ଥା ଉପରେ ଶରୀରର ସାମାନ୍ୟ ଅବସ୍ଥା ନିର୍ଭର କରେ । ୟେଗ୍ ଅବସ୍ଥା ଆଲୋକ, ସୂର୍ଯ୍ୟ ଦକ୍ଷିଣ, ପୌରୁଷ ସହ ସଂବନ୍ଧିତ ଏବଂ ୟିଗ୍ ଅନ୍ଧକାର, ଚନ୍ଦ୍ରମା ଏବଂ ସ୍ତ୍ରୀତ୍ୱ ସହ ସଂପର୍କିତ । ଏହି ମାନ୍ୟତା ଅନୁସାରେ ୟେଗ୍ ଓ ୟିଗ୍ ଅବସ୍ଥାରେ ଅସନ୍ତୁଳନ ଆଣେ । ଏହି ପଦ୍ଧତିରେ ଶରୀରରେ ଥିବା ଚାପ କେନ୍ଦ୍ର ଓ ଶୀରାରେ ବିଶେଷ ପ୍ରକାରର ଛୁଞ୍ଚି ଫୋଡ଼ି ଉପଚାର କରାଯାଏ । ଛୁଞ୍ଚି ପିତ୍ତଳ ବା ଅନ୍ୟଧାତୁରେ ତିଆରି ହୋଇଥାଏ । ଏହାର ଲମ୍ବା ୨ରୁ ୨.୫ ସେ.ମି. । ମଣିଷ ଶରୀରର ଏକରୁ ଆଠଶହ ବିନ୍ଦୁରେ ଏଥିରେ ଫୋଡ଼ାଯାଇପାରେ । ଛୁଞ୍ଚି ଫୋଡ଼ାରେ ବିଶେଷ କଷ୍ଟ ହୁଏ ନାହିଁ । ଏହି ଫୋଡାରେ ଏକ ବୈଦୁତିକ ତରଙ୍ଗ ଶରୀରରେ ପ୍ରବାହିତ ହୁଏ । ରୋଗୀ ସଂପୂର୍ଣ୍ଣ ସୁସ୍ଥ ନହେବା ଯାଏ ଏହି ଚିକିତ୍ସା ଚାଲୁ ରହେ । ସପ୍ତାହରେ କେତେ ଦିନ ଛୁଞ୍ଚି ଫୋଡ଼ା ହେବ ତାହା ରୋଗର ପ୍ରକାର ଓ ଚିକିତ୍ସକ ଉପରେ ନିର୍ଭର କରେ । ଗଣ୍ଠିବାତ, ମୁଣ୍ଡବ୍ୟଥା, ଅଣ୍ଟା ବିନ୍ଧା, ସାଇଟିକା, ଆଲସର୍ ଆଦି ରୋଗ ପାଇଁ ଏହି ଚିକିତ୍ସା ପ୍ରଭାବଶାଳୀ । ବିଭିନ୍ନ ମାନସିକ ରୋଗ ପୋଇଁ ‘ଆକ୍ୟୁପଙ୍କଚର’ ଭଲ କାମ ଦିଏ । ଏହି ପ୍ରଣାଳୀରେ ରୋଗୀକୁ ଚେତା ଶୂନ୍ୟ କରାଇ ଜଟିଳ ଶଲ୍ୟ କ୍ରିୟା ମଧ୍ୟ କରାଯାଏ । ଏହି ପଦ୍ଧତିରେ କେବଳ ମଣିଷ ନୁହେଁ, ପଶୁମାନଙ୍କ ଚିକିତ୍ସା ମଧ୍ୟ କରାଯାଏ ।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮

# କଦଳୀ : ରୋଗ ଦେବ ଦଳି



ଗୋପୀନାଥ ଦାଶ

କଥାରେ କହନ୍ତି, ‘ସକାଳୁ ଗୋଟିଏ କଦଳୀ, ସ୍ୱାସ୍ଥ୍ୟରେ ହେବନି ବଦଳି’ । ବାସ୍ତବିକ ଖାଦ୍ୟ ବିଜ୍ଞାନୀମାନଙ୍କ ମତରେ ଜଣେ ଯଦି ଫି ଦିନ ଅନ୍ୟାନ୍ୟ ଖାଦ୍ୟ ସହ ଏଇ ଲୋକପ୍ରିୟ ଫଳରୁ ନିୟମିତ ଗୋଟିଏ କରି ଗ୍ରହଣ କରେ, ତେବେ ତାର ଶରୀର ପାଇଁ ଆବଶ୍ୟକୀୟ ଜୀବସାରର ପ୍ରାୟ ଅଭାବ ରହିବନି । ଅନ୍ୟାନ୍ୟ ଫଳଗୁଡ଼ିକ ତୁଳନାରେ ଅପେକ୍ଷାକୃତ କମ୍ ଦରରେ ବର୍ଷତମାମ ଉପଲବ୍ଧ ଏଇ ରୁଚିକର ଫଳଟି ପୃଥିବୀର ପ୍ରାଚୀନତମ ତଥା ଶ୍ରେଷ୍ଠ ଲୋକପ୍ରିୟ ଫଳମାନଙ୍କ ମଧ୍ୟରେ ଅନ୍ୟତମ । ଧନୀ ଗରୀବ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ଏଇ ମଞ୍ଜିହୀନ ଫଳଟି ସହଜରେ ଭକ୍ଷଣ ଏବଂ ହଜମ ହୋଇ ପାରୁଥିବାରୁ ଆବାଳବୃଦ୍ଧ ବନିତା ସମସ୍ତଙ୍କର ଏହା ପସନ୍ଦଯୋଗ୍ୟ । ତେବେ ଏଇ ଅମୃତ ଫଳ କଦଳୀ ରୂପୀ ସ୍ୱୟଂ ସମ୍ପୂର୍ଣ୍ଣ ଖାଦ୍ୟଟିର ସ୍ୱାଦ ବ୍ୟତିରେକେ ଅନେକ ରୋଗ ଉପଶମକାରୀ ଗୁଣ ବିଷୟରେ ଅନେକ ହୁଏତ ସଚେତନ ନଥାଇ ପାରନ୍ତି ।

କଦଳୀର ପୁଷ୍ଟିଦାୟକ ଗୁଣ ଯଥେଷ୍ଟ ବେଶୀ । ଏଥିରେ ଖାଦ୍ୟର ଶକ୍ତି ମୂଲ୍ୟ ସମେତ ତନ୍ତୁ ଗଠନକାରୀ ଉତ୍ପାଦନ, ପୁଷ୍ଟିସାର, ଖଣିଜ ଲବଣ ଏବଂ ବିଭିନ୍ନ ଜୀବସାର ସବୁ ବିରଳ ଭାବରେ ମିଶିକରି ରହିଛି । ଏହାର ଶତକଡ଼ା ୭୫ଭାଗ ହେଉଛି ଜଳ, ୨୨ ଭାଗ ହେଉଛି ଶ୍ୱେତସାର ବା ଶର୍କରା, ୧ ଭାଗ ପୁଷ୍ଟିସାର ଏବଂ ମାତ୍ର ଦଶମିକ ୨ ଭାଗ ହେଉଛି ସ୍ନେହସାର । ଏଥିରେ ଥିବା ଶର୍କରାଗୁଡ଼ିକ ସହଜରେ ପରିପାକନୀୟ ହୋଇଥିବାରୁ ଏହା ଉତ୍ତମ ଶକ୍ତିର ଉତ୍ସ ରୂପେ ବିବେଚିତ ହୋଇଥାଏ ଏବଂ କ୍ଳାନ୍ତି ଦୂର କରିବାରେ ଏହା ଉତ୍କୃଷ୍ଟ ମାଧ୍ୟମ ରୂପେ କାମ ଦିଏ । ଗୋଟିଏ ମଧ୍ୟମ ଧରଣର ପାଚିଲା କଦଳୀ ପ୍ରାୟ ଶହେ କ୍ୟାଲୋରୀ ଶକ୍ତି ଯୋଗାଇଥାଏ । ଏପରିକି ଶହେ ଗ୍ରାମ ଶୁଖିଲା କଦଳୀରୁ ହାରାହାରି ୨୮୫ କ୍ୟାଲୋରୀ ଶକ୍ତି ମିଳିଥାଏ । ସେଥିପାଇଁ ହିଁ ବ୍ୟାୟାମକାରୀ ଓ କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା କଦଳୀ ବହୁମାତ୍ରାରେ ଆଦୃତ ଚାଲିଛି । କଦଳୀରେ ଅନେକ ପରିମାଣର କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍, ପଟାସିୟମ୍ ଏବଂ ଲୌହସାର ବା ଆଇରନ୍ ତ ରହିଛି, ଏଥି ସହିତ ଜୀବସାର କ, ଖ, ଗ ସମେତ ତିନୋଟି ଅତ୍ୟାବଶ୍ୟକ ଆମିନୋ ଅମ୍ଳ ସମ୍ବଳିତ ପୁଷ୍ଟିସାର ମଧ୍ୟ ରହିଛି । ଏଥିରେ ଥିବା ଓଲଟା ଶର୍କରା ବା ଇନ୍‌ଭଟେଡ୍ ସୁଗାର ଶରୀର ଗଠନ ଓ ବୃଦ୍ଧିରେ ସହାୟକ ହୋଇଥାଏ । କ୍ଷୀର ସହ କଦଳୀ ମିଶାଇ ଖାଇଲେ ଏକ ସମ୍ପୂର୍ଣ୍ଣ ଭୋଜନ ହୋଇଯାଏ କହିଲେ ଚଳେ । ଭାରତ ଓ ପ୍ରାଚୀନ ପାରସ୍ୟରେ ପାରମ୍ପରିକ ଚିକିତ୍ସା ପଦ୍ଧତିରେ ଏଇ ସ୍ୱର୍ଣ୍ଣଫଳକୁ ଚିରନ୍ତନ ଯୌବନର ଗୋପନ କାରଣ ରୂପେ ଅଭିହିତ କରାଯାଇଛି । ତେବେ ବିଶେଷକରି ଏହାର ପୁଷ୍ଟିଦାୟକ ମୂଲ୍ୟ ସକାଶେ ବ୍ରିଟେନ୍ ଓ ଜର୍ମାନୀରେ ଏହା ବହୁଳ ଭାବରେ ବ୍ୟବହୃତ । କେବଳ ବ୍ରିଟେନ୍‌ରେ ବର୍ଷକୁ ପ୍ରାୟ ପାଞ୍ଚଶହ କୋଟିରୁ ଅଧିକ କଦଳୀ ଖର୍ଚ୍ଚ ହେଉଥିବାର ଆକଳନ କରାଯାଇଛି । ପୃଥିବୀର ଏକମାତ୍ର କଦଳୀ ସଂଗ୍ରହାଳୟ ହିଁ ଜର୍ମାନୀର ସ୍ଲେର୍କଡଟ୍ ଠାରେ ଅବସ୍ଥିତ । ସେ ଦେଶରେ କଦଳୀର ଲୋକପ୍ରିୟତା ଏଥିରୁ ସହଜରେ ଅନୁମେୟ । ଏଥର କଦଳୀର ବହୁବିଧ ରୋଗ ଉପଶମକାରୀ ଗୁଣ ବିଷୟରେ କିଛି ଜାଣିବା । ତରଳ ଝାଡ଼ା, ଶ୍ୱାସ, ଜଳୋଦର ରୋଗ ସମେତ ମହିଳାମାନଙ୍କର ଶ୍ୱେତପ୍ରଦର ରୋଗ ପାଇଁ ମଧ୍ୟ ପାଚିଲା କଦଳୀ ଏକ ଉତ୍କୃଷ୍ଟ ପ୍ରତିକାର ରୂପେ ବ୍ୟବହାର କରାଯାଇଥାଏ । ତେବେ ଦରପାଚିଲା କଦଳୀ କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରେ । ଅଳ୍ପ ଲୁଣ ସହ କଞ୍ଚା କଦଳୀ ସିଝାଇ ଖାଇଲେ ଆମାଶୟ ବା ନାଳରକ୍ତ ଝାଡ଼ା କମିଯାଇ ଥାଏ । କଞ୍ଚା କଦଳୀରୁ ରାଶି ତେଲରେ ଭାଜି ନିୟମିତ ଖାଇବା ଦ୍ୱାରା ଆଣ୍ଠୁ ଗଣ୍ଠିବାତରୁ ମଧ୍ୟ ଉପଶମ ମିଳିଥାଏ । କଦଳୀରେ ଲୌହସାର ଭରପୁର ଥିବାରୁ ରକ୍ତହୀନତା ଭୋଗୁଥିବା ରୋଗୀମାନେ ମଧ୍ୟ ନିୟମିତ ଏହାକୁ ଖାଇଲେ ସୁଫଳ ମିଳିଥାଏ । ଯଦି ଦେହର ଚର୍ମ ହଠାତ୍ କେଉଁଠି ପୋଡ଼ି ହୋଇଯାଏ, ସେହି ଜାଗାରେ ପାଚିଲା କଦଳୀକୁ ଚକଟି ଲେପ ଆକାରରେ ମାରିଲେ ତୁରନ୍ତ କଷ୍ଟ ଲାଘବ ହୋଇଥାଏ । ପାଟି ଭିତରେ ଉଠୁଥିବା ଫୋଟକା (ସରିଶମା)ରେ ଘୋଳ ଦହି ସହ ପାଚିଲା କଦଳୀ ଦଳି ପ୍ରଲେପ ଦେଲେ ତାହା ଦୂର ହୋଇଯାଏ । ପୁନଶ୍ଚ, କଦଳୀ ପୋଟାସିୟମ୍‌ର ଗନ୍ତାଘର ହୋଇଥିବାରୁ ଶରୀରରେ ରକ୍ତଚାପ ନିୟନ୍ତ୍ରଣ କରିବାରେ ଏହା ଯଥେଷ୍ଟ ସାହାଯ୍ୟ କରେ । ଏଥିରେ ଥିବା ଦ୍ରବଣୀୟ ତନ୍ତୁଗୁଡ଼ିକ ମଧ୍ୟ ରକ୍ତରେ କୋଲିଷ୍ଟିରଲ୍ ପରିମାଣ କମେଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରେ । ସୁତରାଂ ନିୟମିତ କଦଳୀ ଖାଇବା ଦ୍ୱାର ହୃଦଘାତ ଏବଂ ମଧୁମେହ ପରି ଦୁଃସାଧରୋଗ ଦାଉରୁ ରକ୍ଷା ମିଳିବାର ସମ୍ଭାବନା ରହିଛି । ଅନିଷ୍ଟକାରୀ ଜୀବାଣୁ ତଥା ସଂକ୍ରମଣ କବଳରୁ ଏକ ବହଳ ଚୋପା ଭିତରେ ସୁରକ୍ଷିତ ଥିବା ଏଇ କଦଳୀ ନିଶ୍ଚିତ ଭାବରେ ଏକ ସର୍ବାଦୌ ଗୃହୀତ ସ୍ୱାସ୍ଥ୍ୟକାରୀ ଫଳ । ତେବେ ଏହାର ଏତେସବୁ ଉପାଦେୟତା ସତ୍ତ୍ୱେ ମଧ୍ୟ ସ୍ଥଳ ବିଶେଷରେ ଏହାର ବ୍ୟବହାରକୁ କେତେକାଂଶରେ ବାରଣ କରାଯାଇଛି । ଥଣ୍ଡା, କାଶ ଓ ସର୍ଦ୍ଦିରେ ପୀଡ଼ିତ ଥିଲାବେଳେ ପାଚିଲା କଦଳୀ ଖାଇବା ସମ୍ପୂର୍ଣ୍ଣ ନିଷେଧ । ସେହିପରି ବୃକକ୍ (କିଡ଼୍‌ନୀ) ସମସ୍ୟାରେ ଘାଣ୍ଟି ହେଉଥିବା ରୋଗୀ କଦଳୀ ଖାଇବା ଅନୁଚିତ । ଆହୁରି ମଧ୍ୟ ଯେଉଁମାନଙ୍କର ଖାଦ୍ୟ ହଜମ କରିବା କ୍ଷମତା ଦୁର୍ବଳ, ସେମାନେ କ୍ଷୀର ସହିତ କଦଳୀ ଏକତ୍ର ଭକ୍ଷଣ କରିବା ଆଦୌ ହିତକର ନୁହେଁ । ପ୍ରତ୍ୟେକ ମଧ୍ୟ ଘିଅ ସହିତ କଦଳୀ ଖାଇବାରୁ ଯଥା ସମ୍ଭବ ଦୂରେଇ ରହିବା ବାଞ୍ଛନୀୟ । ନିକଟରେ ଆହୁରି ମଧ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ ପାକସ୍ଥଳୀରେ ହାଇଡ୍ରୋକ୍ଲୋରିକ୍ ଏସିଡ଼ କ୍ଷରଣ ଦ୍ୱାରା ହେଉ ବା ମଦ୍ୟପାଦ ଦ୍ୱାରା ହେଉ, ପାକସ୍ଥଳୀର ଭିତର ପାର୍ଶ୍ୱକାନ୍ଥରେ କ୍ଷତ ସୃଷ୍ଟି ନ ହେବା ପାଇଁ କଦଳୀରେ ଥିବା ଉପାଦାନ ହିଁ ସୁରକ୍ଷା ଦେଇଥାଏ । ସେହିପରି ଅନ୍ୟ ଏକ ଗବେଷଣାରୁ ଅନୁମାନ କରାଯାଇଛି ଯେ ନିୟମିତ କଦଳୀ ଖାଇବା ଦ୍ୱାରା ମୁଖଗହ୍ୱର କର୍କଟ ଓ ଫୁସ୍‌ଫୁସ୍ କର୍କଟ ରୋଗ ଦାଉରୁ ସୁରକ୍ଷା ମିଳିପାରିବ । ସର୍ବୋପରି ଏହି ସର୍ବଜନାଦୃତ ଅମୃତ ଫଳ କଦଳୀର ଲୋକପ୍ରିୟତା ଦିନକୁ ଦିନ ଏମିତି ବଢ଼ି ଚାଲିଥିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏଇ କଦଳୀର ଉତ୍ପତ୍ତି ଭାରତରେ ବୋଲି କଥିତ ଅଛି । ଗ୍ରୀସୀୟ ଏବଂ ଆରବୀୟ ଲେଖକମାନଙ୍କ ଦ୍ୱାରା ଏହା ବହୁଳ ଭାବରେ ପ୍ରଶଂସାଭାଜନ ହୋଇ ସେମାନଙ୍କ ଲିଖିତ ଅନେକ ଗ୍ରନ୍ଥରେ ‘ଭାରତର ସେହି ବିସ୍ମୟକର ଫଳ’ ରୂପେ ବାରମ୍ବାର ଅବତାରିତ ହୋଇଛି । ଖ୍ରୀଷ୍ଟପୂର୍ବ ଛଅଶହ ଶତାବ୍ଦୀର ଏକ ବୌଦ୍ଧଗ୍ରନ୍ଥରେ ପ୍ରଥମ ଥର ଲାଗି କଦଳୀ ସ୍ଥାନୀତ ହୋଇଥିବାର ସୂଚନା ମିଳେ । ଏପରିକି ଭାରତବର୍ଷରେ କଳଦୀ ଆସ୍ୱାଦନ କଲା ପରେ ମହାବୀର ଆଲେକ୍‌ଜାଣ୍ଡାର ପ୍ରଥମ ୟୁରୋପୀୟ ଭାବେ ଏଇ ଫଳ ଖାଇବାର ସୌଭାଗ୍ୟ ଅର୍ଜନ କରିଥିଲେ । ତା’ପରେ ଏହା ଆରବୀୟ ବଣିକମାନଙ୍କ ଦ୍ୱାରା ଜେରୁଜେଲମ୍, ଇଜିପଟ୍ ଓ ଆଫ୍ରିକା ମହାଦେଶକୁ ରପ୍ତାନୀ ହେବା ସହିତ ସେ ଦେଶମାନଙ୍କରେ ମଧ୍ୟ ଲୋକପ୍ରିୟ ହୋଇ ପଡ଼ିଲା । ତେବେ ଭାରତର ଆସାମ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟମାନଙ୍କରେ ପ୍ରଚୁର ପରିମାଣରେ କଦଳୀ ଚାଷ କରାହୁଏ ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ହରିଶୟନ ଏକାଦଶୀ (ପୁରୁଷୋତ୍ତମୀ ଏକାଦଶୀ)



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଷାଢ଼ ଶୁକ୍ଳ ପକ୍ଷ ଏକାଦଶୀକୁ ଦେବଶୟନୀ ଏକାଦଶୀ କୁହାଯାଏ । ଏହାକୁ ମଧ୍ୟ କେହି କେହି ‘ପଦ୍ମନାଭା’ କହନ୍ତି । ଏହି ଦିନଠାରୁ ଚତୁର୍ମାସ୍ୟା ଆରମ୍ଭ ହୋଇଯାଇଥାଏ । ଏହି ଦିନଠାରୁ ଚାରିମାସ ପର୍ଯ୍ୟନ୍ତ ଭଗବାନ ବିଷ୍ଣୁ କ୍ଷୀର - ସାଗରରେ ଶୟନ କରନ୍ତି । ପୁରାଣ ମତରେ ଭଗବାନ ବିଷ୍ଣୁ ଆଷା ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଚାରିମାସ ନିଦ୍ରା ଯାନ୍ତି । ସୂର୍ଯ୍ୟ କର୍କଟ ରାଶିରେ ଥିବାବେଳେ ଏହି ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଶେଷ ହୁଏ । ଯେଉଁମାନେ ଚତୁର୍ମାସ୍ୟା ବ୍ରତ କରନ୍ତି ସେମାନେ ହରିଶୟନୀ ଏକାଦଶୀ ଦିନ ସଂକଳ୍ପ କରନ୍ତି । ତେଣୁ ଏକାଦଶୀ ଦିନ ଉପବାସ କରି ବିଷ୍ଣୁଙ୍କ ସୁନା, ରୂପା, ପିତ୍ତଳ ବା ତମ୍ବା ମୂର୍ତ୍ତି କରି ଷୋଡ଼ଶୋପଚାରରେ ପୂଜା କରିବା ଉଚିତ । ଭଗବାନଙ୍କୁ ପୀତାମ୍ବର ବସ୍ତ୍ର ପରିଧାନ କରାଇବା ସହ ବିଭିନ୍ନ ଅଳଙ୍କାର ବିଭୂଷିତ କରିବା ଆବଶ୍ୟକ । ଏହାପରେ ଧଳା ଗଦି ଓ ତକିଆ ଥିବା ପଲଙ୍କରେ ପ୍ରଭୁଙ୍କ ଶୟନ କରାଇବା ଉଚିତ । ଏହି ଚାରିମାସ ତପସ୍ୱୀମାନେ ଭ୍ରମଣ ନକରି ଗୋଟିଏ ସ୍ଥାନରେ ବସି ତପସ୍ୟା କରିଥାନ୍ତି । ଏହ ବ୍ରତ ନିଷ୍ଠାର ସହ ପାଳନ କଲେ ସମସ୍ତ ମନୋକାମନା ପୁରଣ ହୋଇଥାଏ । ଏହି ବ୍ରତ ପାଳନ କଲେ ତ୍ରିଦେବଙ୍କ ଆଶୀର୍ବାଦ ମିଳିଥାଏ । ବିଷ୍ଣୁ ପ୍ରତ୍ୟକ୍ଷ ରୂପରେ ମଙ୍ଗଳ କରନ୍ତି । ସକଳ ପାପରୁ ମୁକ୍ତି ମିଳେ । କାମନା ପୂରଣ ହୁଏ । ଦେହାନ୍ତେ ସ୍ୱର୍ଗଲୋକରେ ସ୍ଥାନ ମିଳେ । ଭଗବାନ ବିଷ୍ଣୁ ବିପ୍ର ବାମନ ରୂପ ଧାରଣ କରି ମର୍ତ୍ତ୍ୟରେ ଅବତରଣ କରିଥାନ୍ତି । ସେତେବେଳେ ଦାନବ ବଳୀ ଯଜ୍ଞ, ତପ କରି ସକଳ ଦେବଦେବୀଙ୍କୁ ନିଜ ବଶରେ ରଖିଥାଏ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବଳୀର ଅତ୍ୟାଚାରରେ ଅତିଷ୍ଠ ହୋଇ ଯାଇଥିଲେ । ତେଣୁ ଏହି ତିନିଭୂବନର ସୁରକ୍ଷା ପାଇଁ ଭଗବାନ ବିଷ୍ଣୁଙ୍କୁ ବାମନ ରୂପ ଧାରଣ କରିବାକୁ ପଡ଼ିଥିଲା । ଯାହାଙ୍କର ପାଦ ହେଲା ଭୁଲୋକ, ଜାନୁ ଭୁବଲୋକ, କଟି ସ୍ୱର୍ଗଲୋକ, ଉଦର ମର୍ତ୍ତ୍ୟଲୋକ, ହୃଦୟ ଜନଲୋକ, କଣ୍ଠ ତପଲୋକ, ମୁଖ ସତ୍ୟଲୋକ, ମୁଖ ସତ୍ୟଲୋକ ଏବଂ ମସ୍ତକ ହେଲା ଉର୍ଦ୍ଧ୍ୱ ଲୋକ । ଦେବୀଦେବୀଙ୍କ ଆକୁଳ ନିବେଦନ ଶୁଣି ବାମନରୂପୀ ବିଷ୍ଣୁ ଦାନବୀର ବଳୀଙ୍କୁ ତିନିପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସ୍ୱର୍ଗକୁ ବ୍ୟାପୀଯିବାରୁ ତୃତୀୟ ପାଦ ବଳୀର ଶିରରେ ରଖି ଭଗବାନ ବିଷ୍ଣୁ ବଳୀକୁ ପାତାଳପୁରକୁ ପଠାଇ ଦେଇଥିଲେ । ବଳୀ ପାତାଳ ପୁରରେ ରହି ‘ରକ୍ଷାକର, ରକ୍ଷାକର’ ଚିତ୍କାର କରିବାରୁ କାମିକା ଏକାଦଶୀ କରିବାକୁ ଶୂନ୍ୟବାଣୀ ହେଲା । ଏହାପରେ ବଳୀ କାମିକା ଏକାଦଶୀ ଭକ୍ତି ଓ ନିଷ୍ଠାର ସହ ପାଳନ କରି ମୁକ୍ତି ପାଇ ବୈକୁଣ୍ଠବାସୀ ହୋଇଥିଲେ । ଓଡ଼ିଆ ଆଧାତ୍ମିକ ଚେତନାରେ ହରିଶୟନ ଏକାଦଶୀ (ପୁରୁଷୋତ୍ତମୀ ଏକାଦଶୀ) ଏକ ପବିତ୍ର ଦିନ । ଏହି ଦିବସରେ ସେବା ଓ ଦାନ ଧର୍ମ କଲେ ଅଶେଷ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ପୁରୀ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ରହିଥାଏ । ଓଡ଼ିଶାର ଭାଗବତ ଗାଦି ଘର, ଶ୍ରୀଜଗନ୍ନାଥ ମନ୍ଦିର ବା ବିଭିନ୍ନ ମଠ ମନ୍ଦିରରେ ଆଧାତ୍ମିକ ଶ୍ରଦ୍ଧାଳୁମାନେ ସମବେତ ହୋଇ ପୂଜାର୍ଚ୍ଚନା ଓ ଦାନଧର୍ମ କରି ନିଷ୍ଠା ଓ କାଷ୍ଠାର ସହିତ ଏହି ଦିବସଟିକୁ ପାଳନ କରି ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥାନ୍ତି ।

‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩




## ପ୍ରକୃତି ସଂରକ୍ଷଣ ଦ୍ୱାରା ଚିରସ୍ଥାୟୀ ଜୀବନଜୀବିକା ସମ୍ଭବ

ଅନୁଗୁଳ,(ପି.ଏନ): ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଛେଣ୍ଡିପଦା ବ୍ଲକ୍ ର ବ୍ରାହ୍ମଣୀବିଲ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବ୍ରାହ୍ମଣୀବିଲ ଜୈବବିବିଧତା ପରିଚାଳନା ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସହଯୋଗ କରିଥିଲା । ଜିଲ୍ଲା ପରିଷଦ ସଭ୍ୟ ଏବଂ ପ୍ରକୃତିପ୍ରେମୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକୃତି ସଂରକ୍ଷଣରେ ଛାତ୍ରଛାତ୍ରୀ ମାନଂକର ରହିଥିବା ଗୁରୁତ୍ୱ ଭୂମିକା ଉପରେ ପରାମର୍ଶ ଦେଇଥିଲେ । ଛାତ୍ର ଜୀବନରୁ ଛାତ୍ରଛାତ୍ରୀ ପ୍ରକୃତିକୁ ଜାଣିବା , ପ୍ରକୃତି ସଂରକ୍ଷଣ ଏବଂ ପ୍ରାକୃତିକ ସମ୍ପଦର ସଠିକ୍ ବ୍ୟବହାରକୁ ଆପଣେଇବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଂକ ମଧ୍ୟରେ ସ୍ଥାନୀୟ ସରପଂଚ ଲକ୍ଷ୍ମୀପ୍ରିୟା ଧଳ ଛାତ୍ରଛାତ୍ରୀ ମାନେ ଚାରା ରୋପଣ କରି ଯତ୍ନ ନେବାକୁ କହିଥିଲେ । ସମିତିର



ସଂପାଦକ ପ୍ରସନ୍ନ କୁମାର ବେହେରା ପ୍ରକୃତି ମଣିଷକୁ ଖାଦ୍ୟ, ପାନୀୟ, ବସ୍ତ୍ର, ଔଷଧ ଏବଂ ଦୈନନ୍ଦିନ ଜୀବନଯାପନ ରେ ସମସ୍ତ ଆବଶ୍ୟକ ଜିନିଷ ବିଭିନ୍ନ ଉପାୟରେ ଦେଉଥିବା ପ୍ରକାଶ କରିଥିଲେ । ପ୍ରକୃତିରେ ସୃଷ୍ଟି ହୋଇଥିବା ସମସ୍ତ ବୃକ୍ଷଲତା , ଜୀବଜନ୍ତୁ, କୀଟପତଂଗ, ନଦୀ, ନାଳ, ଝରଣା ଏବଂ ପରିସଂସ୍ଥା ମଣିଷ ର ଉପକାର କରୁଥିବା ଏବଂ ଏହାର କୌଣସି ଅପକାର ଗୁଣ ନ ଥିବା ଦୃଷ୍ଟାନ୍ତମୂଳକ ପରାମର୍ଶ ଦେଇଥିଲେ । ପ୍ରକୃତିକୁ ଭଲ ପାଇବା, ପ୍ରକୃତି ବିଷୟରେ ଜାଣିବା ଏବଂ ପ୍ରକୃତିକୁ ହୃଦୟଂଗମ କରିପାରିଲେ ପ୍ରକୃତି ସଂରକ୍ଷଣ ହୋଇ ପାରିବ ବୋଲି ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ସ୍କୁଲ୍ ର ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଗ୍ରାମର ସଭାପତି ତଥା ଜୈବବିବିଧତା ସମିତିର ଅଗ୍ରଣୀ ସଭ୍ୟ ସରୋଜ ସାହୁ ଏବଂ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ପ୍ରକୃତି ଓ ଜୈବବିବିଧତା ସମ୍ପର୍କରେ ସୁପରାମର୍ଶ ପ୍ରଦାନ କରିଥିଲେ । ସ୍କୁଲ୍ ର ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିବା ବେଳେ ସମିତିର ସଂଯୋଜକ ସୁବ୍ରତ ପ୍ରଧାନ ଓ ପ୍ରିୟବ୍ରତ ବେହେରା ଆୟୋଜନ ଓ ପରିଚାଳନା କରିଥିଲେ । ସ୍କୁଲ ପରିସର ମଧ୍ୟରେ ଔଷଧୀୟ ବୃକ୍ଷ ଅଶୋକ, ଅଁଳା, ଜାମ୍ବୁ ଚାରା ରୋପଣ କରାଯାଇଥିଲା । ସ୍କୁଲ ଛାତ୍ରଛାତ୍ରୀଂକ ମଧ୍ୟରେ ଓପନ କୁଇଜ୍ ଆୟୋଜନ କରାଯାଇଥିଲା ଏବଂ କୃତୀ ଛାତ୍ରଛାତ୍ରୀ ମାନଂକୁ ପୁରସ୍କୃତ କରାଯାଇଥିଲା ।

## ସ୍ଥାୟୀ ବିକାଶ ଲକ୍ଷ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଲିମ୍

ବଲାଙ୍ଗିର,(ପି.ଏନ): ଗ୍ରାମପଂଚାୟତରୁ ବେରୋଜଗାର ଦୂର କରିବା ପାଇଁ ଗ୍ରାମସଭା, ପଲ୍ଲୀ ସଭାରେ ତଥ୍ୟ ଉପସ୍ଥାପନ କରି ପଂଚାୟତର ସମସ୍ତ କାର୍ଯ୍ୟକୁ ସଫଳ କରାଯାଇପାରିବ ସେନେଇ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ନିମନ୍ତେ ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଲିମ ଶିବିର ବଲାଙ୍ଗିର ଜିଲ୍ଲା ପଂଚାୟତ ଦକ୍ଷତା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ପରିଷଦ ତରଫରୁ ଆୟୋଜିତ ଦେଓଗାଁର ଅର୍ଜୁନପୁର, ବଡବନ୍ଧ, ବଡବାହାଲ, ବ୍ରାହ୍ମଣୀଜୋର, ବନ୍ଧପଡା ତଥା ଆଗଲପୁରର ଆଗଲପୁର, ବାବୁଫାସଡ, ବୁଦୁଲା ପଂଚାୟତ ପାଇଁ ଏହି ତାଲିମ ଶିବିରରେ ଗ୍ରାମ ପଂଚାୟତର ପିଇଓ, ସରପଂଚ, ସମିତି ସଭ୍ୟ, ଆଶା କର୍ମୀ, ସଂପାଦକ ତଥା ଗ୍ରାମ ପଂଚାୟତରେ ଆଗଧାଡିରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଓ ଉନ୍ନତ ଜୀବିକାଯୁକ୍ତ ପଂଚାୟତ ଗଠନ କିପରି କରାଯାଇପାରିବ ସେ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା ।

## ଆଦିବାସୀଙ୍କ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଅଫିସ୍ ଘେରାଉ କଲା ଆଦିବାସୀ କଲ୍ୟାଣ ସଂଘ

ନୂଆପଡା (ବିରବଲ ପ୍ରଧାନ),(ପି.ଏନ): ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଜି ଜିଲ୍ଲାପାଳ ଅଫିସ ଘେରାଉ କରିଛି ଆଦିବାସୀ କଲ୍ୟାଣ ସଂଘ ।ସଂଘର ସଭାପତି ଭାନୁ ପ୍ରତାପ ସିଂ ମାଝି ଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ହଜାର ହଜାର ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି ।ଜିଲ୍ଲା ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ ନ ହୋଇ ପଡ଼ି ରହିଥିବା ଷୋହଳ ହଜାର ଗୋଟି ଦରଖାସ୍ତ ର ଜଙ୍ଗଲ ଜମି ଅଧିକାର ଆଇନ ମୁତାବକ ପଟ୍ଟା ପ୍ରଦାନ, ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ କିସମକୁ ପଟ୍ଟା ପ୍ରଦାନ ପ୍ରଦାନ କରିବାକୁ ଦାବି କରିଛନ୍ତି ଆଦିବାସୀ ।ସେହିପରି ଗୋଷ୍ଠିଗତ ଅଧିକାର ରେ ପଟ୍ଟା ପ୍ରଦାନ ପ୍ରଶାସନର ଅବହେଳା କୁ ନିନ୍ଦା କରିବା ସହ ବନବାସୀ ଙ୍କୁ ପ୍ରଦାନ କରାଯାଇଥିବା ଜଙ୍ଗଲ ଜମି ପଟ୍ଟାରେ ଫସଲ ବୀମା



ଧାର୍ଯ୍ୟ କରାଯାଉ । ଜଙ୍ଗଲ ଜମି ପଟ୍ଟାରେ ଉତ୍ପାଦନ ହେଉଥିବା ଫସଲକୁ ମଣ୍ଡିରେ ବିକ୍ରି ସକାଶେ ଅନୁମତି ପ୍ରଦାନ କରିବାକୁ ଦାବି କରିଛନ୍ତି ବନବାସୀ ମାନେ । ଜଙ୍ଗଲ ଜମି ପଟ୍ଟାରେ କୃଷି ଋଣ ପ୍ରଦାନ କରିବା ସହ ପାଇଥିବା ଜଙ୍ଗଲ ଜମି ପଟ୍ଟାରେ ଜମି ମରାମତୀ ସକାଶେ ଏମ ଜି ଏନ ଆର ଜି ଏସ ଯୋଜନା କାହିଁକି ଲାଗୁ ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି ।ସେହିପରି ଜିଲ୍ଲାର ଅନ୍ୱେଷା ଯୋଜନାରେ ପରିଚାଳିତ ବିଦ୍ୟାଳୟରେ ହେଉଥିବା ବ୍ୟାପକ ଦୁଃର୍ନିତୀର ପର୍ଦ୍ଦାଫାସ ସହିତ Central Social Audit କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆଦିବାସି ଙ୍କର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରଜୁଯ୍ୟ ଯୋଜନା RLTAP ରୁ ଖର୍ଚ୍ଚ ନ ହୋଇ ପଡ଼ି ରହିଥିବା ଦଶ କୋଟି ଟଙ୍କା କୁ ଶାସକ ଦଳର ଜଣେ ପ୍ରଭାବଶାଳୀ ରାଜନେତା ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଅପ ବ୍ୟବହାର ପ୍ରତିବାଦ କରି ଆଜି ଜିଲ୍ଲାପାଳ ଅଫିସ ଘେରାଉ କରିଛି ଆଦିବାସୀ ସଂଘ ।ଯଦି ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ସମସ୍ୟାର ସମାଧାନ ନକଲେ ଆନ୍ଦୋଳନ ଭୟାବହ ହେବ ବୋଲି ଚେତାବନୀ ଦେଇଛନ୍ତି ଆଦିବାସୀ ମାନେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଟାଟା ଷ୍ଟିଲ୍ ପକ୍ଷରୁ ଦିଶା ତାଲିମ ମାଧ୍ୟମରେ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଆରମ୍ଭ

ଦାନଗଦି ,(ପ.ଏନ): ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକାଳ ଗ୍ରାମ ପଂଚାୟତର ଖଣ୍ଡୁରାଇ କଲ୍ୟାଣ ମଣ୍ଡପରେ "ହିଂସାକୁ କୁହନ୍ତ ନାଁ' ବିଷୟ ଉପରେ ଆୟୋଜିତ ଚାରିଦିନିଆ ଦିଶା ତାଲିମ କାର୍ଯ୍ୟକ୍ରମରେ ୧୮ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ ?ଜି)ର ୬୦ ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଯଥା ଅଳ୍ପ ବୟସରେ ବିବାହ, ମଦ ଉଚ୍ଛେଦ, କମ୍ ବୟସରେ ଗର୍ଭଧାରଣ, ଘରୋଇ ହିଂସା, କର୍ମକ୍ଷେତ୍ରରେ ଉତ୍ପୀଡ଼ନ, ଅପମାନର ଶିକାର, ବାଳିକାମାନେ ଅଧାରୁ ପାଠପଢ଼ା ଛାଡ଼ିବା ଏବଂ ମହିଳା ଚାଲାଣ ଆଦି ବିଷୟରେ ମହିଳାମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବା । ଏହି ତାଲିମ କାର୍ଯ୍ୟକ୍ରମରେ ଲିଙ୍ଗଗତ ହିଂସାର ମୂଳ ବାରଣ ଓ ଲିଙ୍ଗଗତ ନିୟମରେ ଅନ୍ତର ବିଷୟରେ ସଚେତନତା ସୃଷ୍ଟି କରିବା ନେଇ ସାରଗର୍ଭକ ଆଲୋଚନା କରିବା, ଏଥି ସହିତ ରୂପାନ୍ତରଣ ଆଣିବାର ମନୋବୃତି ଜରିଆରେ ସାମାଜିକ ନିୟମକୁ ବଦଳାଇବାରେ ମହିଳାମାନଙ୍କ ଭିତରେ ଥିବା ସମ୍ଭାବନାକୁ ସ୍ୱୀକୃତି ପ୍ରଦାନ କରିବା ଯାହା ଫଳରେ ମହିଳାମାନଙ୍କ ଉପରେ ହେଉଥିବା ହିଂସା ଏବଂ ପିତୃତ୍ୱ ମାନସିକତାକୁ ସମ୍ପୂର୍ଣ୍ଣ ଦୂର କରିବା ଦିଗରେ କାର୍ଯ୍ୟ ହୋଇପାରିବ । ତାଲିମ କାର୍ଯ୍ୟକ୍ରମର ୨୫ତମ ବ୍ୟାଚ୍ ରେ ରାସୋଳ, ଟାଙ୍ଗିରିଆପାଳ, ଦେଉଳକଣ , କିଆଝର ଓ ରାଧିକାଦେଇପୁର ଭଳି ପାଂଚ୍ ଗ୍ରାମପଂଚ୍ୟାୟତର ୧୮ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍) ଅଂଶଗ୍ରହଣ କରିଥିଲେ । ଏକ ସକାରାତ୍ମକ, ସାମାଜିକ, ଅର୍ଥନୈତିକ ଓ ପରିବେଶ ପ୍ରଭାବ ପ୍ରତି ଯୋଗଦାନ ପ୍ରଦାନ କରିବା ନିମନ୍ତେ ମହିଳାମାନଙ୍କୁ ସକ୍ଷମ କରିବା ପାଇଁ ୨୦୨୨ରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ "ଦିଶା' ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଶୁଭାରମ୍ଭ ପରଠାରୁ ଏହି କାର୍ଯ୍ୟକ୍ରମ ଛଅଟିମଡ୍ୟୁଲ ଯଥା ନେତୃତ୍ୱ ଓ ବିକାଶ, ସାମାଜିକ ଓ ଅର୍ଥନୈତିକ ନିରାପତା, ଡିଜିଟାଲ୍ ସାକ୍ଷରତା ସମେତ ପ୍ରଭାବୀ ଯୋଗାଯୋଗ, ହିଂସା, ଅଧିକାର, ହକ୍ ଏବଂ ଅନ୍ୟାନ୍ୟ ସାମାଜିକ ସମସ୍ୟା ଉପରେ ସାକ୍ଷରତା ତାଲିମ, ମହିଳାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଓ ମହିଳା ସଶକ୍ତୀକରଣ ଏବଂ ପାଂଚ୍ ସରକାରୀ ଅନୁଷ୍ଠାନରେ ମହିଳାମାନଙ୍କ ଅବଦାନକୁ ବଢ଼ାଇବା ପାଇଁ ସେମାନଙ୍କୁ ଏକତ୍ରୀତ କରିବା ପାଇଁ ଉତ୍ସାହିତ କରିବା ଆଦି ଜରିଆରେ ଏହି ଅଂଚଳର ମହିଳାଙ୍କ ପାଇଁ ସହାୟକ ହୋଇପାରିଛି । ଆସନ୍ତା ପାଂଚ୍ ବର୍ଷରେ, ନେତୃତ୍ୱ ସମ୍ଭାବନା ସହ ଚିହ୍ନଟ ହୋଇଥିବା ସମସ୍ତ ସକ୍ରିୟ ମହିଳା ଏସ୍ଏଚ୍ଜି ସଦସ୍ୟଙ୍କୁ ସମାଜର ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ଏକ ପ୍ରଭାବ ସ୍ୱରରେ ପରିଣତ କରିବାକୁ ଦିଶା ଲକ୍ଷ୍ୟ ରଖିଛି ।

## ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକୀ ଅଧିବେଶନ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଯାଦବ ଭବନ ସଭାଗୃହରେ ସଂସ୍କୃତ ପରିଷଦ ବଲାଙ୍ଗିର ମାସିକ ଅଧିବେଶନ ସମ୍ପାଦକ ତଥା ଆଇନଜୀବି ଜୟରାମ ମିଶ୍ରଙ୍କ ଆହ୍ୱାନ କ୍ରମେ ନିଳମଣି ମିଶ୍ରଙ୍କ ସଭାପତିତ୍ୱରେ ଗତକାଲି ଅନୁଷ୍ଠିତ ହୋଇଛି । ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀଙ୍କ ବେଦ ପଠନ ଓ ମଙ୍ଗଳାଚରଣ ପରେ ମୁଖ୍ୟବକ୍ତା ଧନଞ୍ଜୟ ମିଶ୍ର ସାମୁହିକ ଓଁକାର ଧ୍ୱନି ସହ ଭାଷଣ ଆରମ୍ଭ କରିଥିଲେ । ପୁରୁଷୋତ୍ତମ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଜିବନ ଚରିତ ସହିତ, ଦକ୍ଷ ଯଜ୍ଞ ଉପାଖ୍ୟାନ ବର୍ଣ୍ଣନା କରିଥିଲେ । ପଣ୍ଡିତ ତଥା ଅଧ୍ୟାପକ ଟିକେଶ୍ୱର ଗୁରୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ର ବିକାଶ ଓ ପ୍ରସାର ପାଇଁ ପ୍ରଶାସନକୁ ଜଣାଇବା ଉଚିତ ବୋଲି ମତ ରଖିଥିଲେ । ରାଜ କିଶୋର ପଣ୍ଡା ଗତ ଅଧିବେଶନର ବିବରଣୀ ପାଠ ପରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୈତରଣୀ ନଦୀ ବନ୍ଧ ମରଣଯନ୍ତା

କୋରେଇ, (ପି.ଏନ): ବୈତରଣୀ ନଦୀ ବନ୍ଧ କେବଳ ନଦୀର ସୁରକ୍ଷା ପାଇଁ ନୁହେଁ ବରଂ ଜନସାଧାଣରଙ୍କ ଯାତାୟତର ମୁଖ୍ୟ ରାସ୍ତା । କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଗ୍ରାମ ଠାରୁ ବୈତରଣୀ ବ୍ରିଜ ପର୍ଯ୍ୟନ୍ତ ନଦୀ ବନ୍ଧ ଏବେ ପାଲଟିଛି ମରଣଯନ୍ତା । ଏହି ରାସ୍ତାରେ ମୂଳାପାଳ ପଂଚାୟତବାସୀ ବ୍ୟାଙ୍କ, ସ୍କୁଲ, କଲେଜ, ଲିଙ୍ଗେଶ୍ୱର ଶିଶୁ ମନ୍ଦିର ଠୁ ଆରମ୍ଭ କରି ପଂଚାୟତ କାର୍ଯ୍ୟାଳୟକୁ ପ୍ରତ୍ୟେହ ଯାତାୟତ କରନ୍ତି । ହେଲେ ଏହି ରାସ୍ତା ଏବେ ଯାତାୟତ ଉପଯୋଗୀ ହୋଇ ରହିନାହି । ଫଳରେ ନାହିଁ ନଥିବା ଅସବୁିଧା ଭୋଗ କରୁଛନ୍ତି ପଂଚାୟତ ବାସୀ । କେତେକ ତଳ ଗ୍ରାମ ରାସ୍ତାରେ ଯାତାୟତ କରୁଛନ୍ତି ତ ପୁଣି ଆଉ କେହି ପଂଚାୟତ କାର୍ଯ୍ୟାଳୟକୁ ସଠିପୁର ଦେଇ ପାଂଚ କିଲୋମିଟର ବୁଲି ଆସିବାକୁ ପଡୁଛି । ହେଲେ ଠିକାସଂସ୍ଥା କାମ ଅଧାରୁ ଛାଡି ଛୁ ମାରିଛି । ୧୬ ନମ୍ବର ଜାତୀୟ ରାଜପଥ ବୈତରଣୀ ବ୍ରିଜ ଠାରୁ ରୁଢିଆ ପର୍ଯ୍ୟନ୍ତ ନଦୀ ବନ୍ଧକୁ ସୁଦୃଢ ଓ ଚଉଡା କରିବା ପାଇଁ ପ୍ରକଳ୍ପ ଅନୁମୋଦନ ହୋଇଥିଲା । ଏହି ବନ୍ଧ ସଦୃଢ ହେଲେ କେବଳ ପଂଚାୟତ ବାସୀ ଉପକୃତ ହେବେ ତାହା ନୁହେଁ ୧୬ ନମ୍ବର ଜାତୀୟ ରାଜପଥରୁ ଯାଜପୁର ଟାଉନକୁ ଯିବା ପାଇଁ ପାଂଚ କିଲୋମିଟର ରାସ୍ତା କମିଯିବ । ଖରାଦିନେ ଠିକାସଂସ୍ଥା ଓସିସି ପକ୍ଷରୁ ଏହି ବନ୍ଧରେ ମାଟି ପକାଯାଇ ଚଉଡା ଓ ଉଚତା କରାଯାଇଥିଲା। ବର୍ଷା ଦିନ ପୂର୍ବରୁ କାମ ସରିବା କଥା । କିନ୍ତୁ ଠିକାସଂସ୍ଥା କାମ ଛାଡି ପଳାଇଛି । ଯାହା ଫଳରେ ଉକ୍ତ ରାସ୍ତାରେ ଏବେ ଯାତାୟତ ସମ୍ଭବ ନୁହେଁ । ନଦୀ ବନ୍ଧର ଅବସ୍ଥା ଯାହା ସାଧାରଣରେ ଚାଲିକି ଯିବା ସମ୍ଭବ ମଧ୍ୟ ନୁହେଁ । । ଆବଶ୍ୟକତା ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତିରେ ଏହି ରାସ୍ତାର ମରାମତି କରିବା ପାଇଁ ଦାବି ହୋଇଛି । ଏନେଇ ଜଳସେଚନ ବିଭାଗ ଯନ୍ତ୍ରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଲୋକଙ୍କ ଦୁରାବସ୍ଥା ସମ୍ପର୍କରେ ସ୍ୱୀକାର କରିବା ସହ ଏନେଇ ଓସିସିକୁ ତାଗିଦ କରାଯାଇଥିବା କହିଥିଲେ । ଦିନେ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଥିଲେ ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday July 29, 2023 ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପରେ ୩ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ! ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର



ପାରାଦୀପ ,(ପି.ଏନ): ଜଟାଧାରମୁହାଣ ଥାନା ଅନ୍ତର୍ଗତ ଷଣ୍ଢକୁଦ ଅଂଚଳରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ୩ ବର୍ଷିୟା ଶିଶୁ କନ୍ୟାଙ୍କୁ ବଳାତ୍କାର କରି ସମୁଦ୍ର ବାଲିରେ କେହି ପକାଇ ଦେଇଥିଲା । ସେଠାରୁ ମୁମୂର୍ଷୁ ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ଶିଶୁ କନ୍ୟାକୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣା ପରେ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । ଉକ୍ତ ଶିଶୁକନ୍ୟା ଭୋର ୫ ଟାରେ ଉଠି ଘର ପାଖରେ ଖେଳୁଥିବା ବେଳେ ଅଭିଯୁକ୍ତ ବଳାତ୍କାରୀ ତାକୁ ଉଠାଇ ନେଇ ନିକଟସ୍ଥ ବେଳାଭୂମି ଝାଉଁ ଜଙ୍ଗଲରେ ବଳାତ୍କାର କରିଥିବା କୁହାଯାଉଛି । ଶିଶୁକନ୍ୟାର ପ୍ରଚୁର ରକ୍ତସ୍ରାବ ହେବା ସହ ମୁମୂର୍ଷୁ ଅବସ୍ଥାରେ ସେଠାରେ ପଡିଥିଲା । ସେହି ସମୟରେ ମା ବାପ ଝିଅକୁ ଖୋଜୁଥିଲେ । ଏତିକି ବେଳେ ଜଣେ ପଡୋଶୀ ଦମ୍ପତି ଝିଅକୁ ଆଣି ପହଁଚାଇବା ସହ ଘଟଣା ସମ୍ପର୍କରେ କହିଥିଲେ । ପରେ ସେମାନେ ଝିଅକୁ ନେଇ ପ୍ରଥମେ ଜଟାଧାରମୁହାଣ ସାମୁଦ୍ରିକ ଥାନାକୁ ଯାଇଥିଲେ । ପୋଲିସ ତାଙ୍କୁ ହସପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି । ଖବର ଲେଖା ହେବା ବେଳକୁ ଅଭିଯୁକ୍ତ ସମ୍ପର୍କରେ ସୂଚନା ମିଳିନାହିଁ ।

## ରାଷ୍ଟ୍ରପତିଙ୍କୁ ସଅର ପରିବର୍ତ୍ତେ ଶବର କରିବା ପାଇଁ ଦାବିପତ୍ର ଦିଆଯାଇଅଛି

ଭୁବନେଶ୍ୱର,(ପି.ଏନ) ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ୨୫ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲା, ନୟାଗଡ଼, ଜିଲ୍ଲା, ପୁରୀ ଜିଲ୍ଲା, କଟକ ଜିଲ୍ଲାର ସ୍ଥାୟୀ ଆଦିବାସୀ ମାନଙ୍କର ଶବର ପରିବର୍ତ୍ତେ ସଅର ହୋଇଥିବା ହେତୁ ଆଦିବାସୀ ମାନେ ଜମି ବିକ୍ରି କରିପାରୁ ନାହାନ୍ତି, ସ୍କୁଲ ଏବଂ କଲେଜରେ ନାମ ଲେଖାଇ ପାରୁନାହାନ୍ତି, ଚାକିରୀ କ୍ଷେତ୍ରରେ ପ୍ରମୋଶନ ପାଇପାରୁ ନାହାନ୍ତି । ସେଥିପାଇଁ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଶୀଘ୍ର ସଅର ପରିବର୍ତ୍ତେ ଶବର କଲେ ଆଦିବାସୀ ମାନେ ଉପକୃତ ହେବେ । ଏଥିନିମନ୍ତେ ମହାମହିମ ରାଷ୍ଟ୍ରପତି ଦୃଢ଼ ପ୍ରତିଶୃତି ଦେଇଛନ୍ତି ।

## ୧୮ଦଫା ଦାବିକୁ ନେଇ ଆଦିବାସୀ ମେଳି



ନୂଆପଡା,(ପି.ଏନ):ସମାନ ନାଗରିକ ସଂହିତା ସହ ୧୮ଗୋଟି ଦାବି ରଖି ଆଜି ନୂଆପଡା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ କଲେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି ।ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସଂଘର ଶୀର୍ଷ ନେତା, କାର୍ଯ୍ୟକର୍ତ୍ତାଙ୍କ ସହ ଜିଲ୍ଲାର ଅନେକ ସଂଖ୍ୟାରେ ଆଦିବାସୀ ପୁରୁଷ ଓ ମହିଳା ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ପ୍ଲାକାର୍ଡ ଧରି ଧାରଣା ସ୍ଥଳକୁ ଆସିଥିଲେ । ସଂଘର ସଭାପତି ଭାନୁ ପ୍ରତାପ ସିଂ ମାଝି ଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଦାବିପତ୍ରରେ ଜିଲ୍ଲା ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ ନ ହୋଇ ପଡ଼ି ରହିଥିବା ଷୋହଳ ହଜାର ଗୋଟି ଦରଖାସ୍ତ ର ଜଙ୍ଗଲ ଜମି ଅଧିକାର ଆଇନ ମୁତାବକ ପଟ୍ଟା ପ୍ରଦାନ, ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ କିସମକୁ ପଟ୍ଟା ପ୍ରଦାନ, ଗୋଷ୍ଠିଗତ ଅଧିକାର ରେ ପଟ୍ଟା ପ୍ରଦାନ ରେ ଅବହେଳା, ଜଙ୍ଗଲ ଜମି ପଟ୍ଟାରେ ଫସଲ ବୀମା ଧାର୍ଯ୍ୟ, ଜଙ୍ଗଲ ଜମି ପଟ୍ଟାରେ ଉତ୍ପାଦନ ହେଉଥିବା ଫସଲକୁ ମଣ୍ଡିରେ ବିକ୍ରି ସକାଶେ ଅନୁମତି ପ୍ରଦାନ, ଜଙ୍ଗଲ ଜମି ପଟ୍ଟାରେ କୃଷି ଋଣ ପ୍ରଦାନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତୀ ଯୋଜନାରେ ଜମି ମରାମତୀ, ଜିଲ୍ଲାର ଅନ୍ୱେଷା ଯୋଜନାରେ ପରିଚାଳିତ ବିଦ୍ୟାଳୟରେ ହେଉଥିବା ବ୍ୟାପକ ଦୁର୍ନିତୀର ଅଡିଟ୍, ଆଦିବାସୀଙ୍କର ସ୍ୱତନ୍ତ୍ର ବିକାଶ ପାଇଁ ପ୍ରକୁଯ୍ୟ ଯୋଜନାରେ ଖର୍ଚ୍ଚ ନ ହୋଇ ପଡ଼ି ରହିଥିବା ଟଙ୍କା ର ସୁବିନିଯୋଗ କରିବାପାଇଁ ଉଲ୍ଲେଖ କରିଛନ୍ତି । ମେଳିରେ ଜିଲ୍ଲାର ସମସ୍ତ ବ୍ଲକ୍ ସଭାପତୀ,ସମ୍ପାଦକ ତଥା ସମସ୍ତ ଶୀର୍ଷ ନେତା ଉପସ୍ଥିତ ରହି ଜିଲ୍ଲାରେ ବସବାସ କରୁଥିବା ୪୨% ଆଦିବାସୀଙ୍କ ଶିକ୍ଷା,ସ୍ୱାସ୍ଥ୍ୟ, ଗମନାଗମନ, କୃଷୀ, ଆର୍ଥିକ, ଜୀବନଜୀବିକାକୁ ସୁବ୍ୟବସ୍ଥିତ କରିବାପାଇଁ ପ୍ରଶାସନ ଆଗରେ ନିଜର ମତ ରଖିଥିବା ବେଳେ କେନ୍ଦ୍ର ସରକାର ଆଣୁଥିବା ସମାନ ନାଗରିକ ସଂହିତା ବିଲ୍ ଲାଗୁହେଲେ ଆଦିବାସୀଙ୍କ ନିତୀରିତୀ, ପ୍ରଥା ପରମ୍ପରା ପ୍ରଭାବିତ ହେବବୋଲି ଏହାକୁ ରଦ୍ଦ କରିବାର ଦାବୀ ଉପସ୍ଥାପନା କରିଥିଲେ । ମହିଳା ନେତ୍ରୀ ସରୋଜିନୀ ମାଝୀ ଆଗାମୀ ଦିନରେ ଆଦିବାସୀଙ୍କ ହକ୍ ପାଇବାପାଇଁ ଆଦିବାସୀଙ୍କ ଏକତା ଓ ଆଦିବାସୀଙ୍କ ସାକ୍ଷରତା ଉପରେ ନିଜର ଅଭିଭାଷଣ ରଖିଥିଲେ ।ଜିଲ୍ଲା ପ୍ରଶାସନ ଦାବିପତ୍ର ରେ ଉଲ୍ଲେଖିତ ସମସ୍ତ ବିନ୍ଦୁକୁ ବିସ୍ତୃତ ଭାବରେ ଅବଲୋକନ କରି ଆଦିବାସୀଙ୍କ ଦାବୀକୁ ଉଚିତ୍ ନ୍ୟାୟ ଦେଉ ବୋଲି ସମସ୍ତେ କହିଥିଲେ ।

## ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜିକରଣ ସମୟକୁ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଦାବୀ:କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କ ନାମ ପଞ୍ଜିକରଣ ସମୟ ଚଳିତମାସ ୩୧ ତାରିଖ ସୁଦ୍ଧା ସରିବ । ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଅନ୍ତତଃ ପକ୍ଷେ ୨ ମାସ ପୂର୍ବରୁ ଚାଷୀ ବୀମାକରଣ କରିବାକୁ ସରକାର ବିଜ୍ଞପ୍ତି ପ୍ରକାଶ କରିବା କଥା । କିନ୍ତୁ ବହୁ ବିଳମ୍ବରେ ଗତ ଅଳ୍ପ କିଛି ଦିନ ହେଲା ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯାହା ଫଳରେ ଲକ୍ଷ ଲକ୍ଷ ଚାଷୀ ବୀମା ସମୟ ସୀମା ଜାଣି ପାରି ନାହାନ୍ତି । ଏଥିପାଇଁ ଦାୟୀ କିଏ ? ଗୋଟିଏ ପଟେ ରାଜ୍ୟ ସରକାର ଚାଷୀଙ୍କ ପାଇଁ ପ୍ରିମିୟମ ଦେବାକୁ ବ୍ୟବସ୍ଥା କରୁଥିବା ବେଳେ ଅନ୍ୟ ପଟେ ଜାଣିଶୁଣି ଚାଷୀ ଫସଲବୀମା ପଞ୍ଜିକରଣ ସମୟର ଅବଧି ଖୁବ୍ କମ୍ ଦିନ ରଖିଛନ୍ତି । ଯାହା ଫଳରେ ବହୁ ଚାଷୀ ଫସଲ ବୀମା ପଞ୍ଜିକରଣରୁ ବଞ୍ଚିତ ହେବେ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି । ସରକାର ଜାଣିଛନ୍ତି, ଏବର୍ଷ ମୌସୁମୀ ବିଳମ୍ବିତ ଏବଂ ଅନେକ ଜିଲ୍ଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ମୌସୁମୀ କିଛି ଦିନ ହେଲା ସକ୍ରିୟ ଥିଲେ ମଧ୍ୟ ୮୫ ପ୍ରତିଶତ ଚାଷ ଅରମ୍ଭ କରାଯାଇନାହିଁ । ଏଥିପାଇଁ ଫସଲ ବୀମା କରାଇବା ଏକାନ୍ତ ଜରୁରୀ । ବୀମା ପୋର୍ଟାଲରେ ମଧ ବିଭିନ୍ନ କାରଣରୁ ପଞ୍ଜିକରଣ ବିଳମ୍ବିତ ହେଉଛି । ଏହାକୁ ତ୍ୱରାନ୍ୱିତ କରିବା ସରକାରଙ୍କ ସର୍ବାଧିକ ଦାୟିତ୍ୱ ଓ କର୍ତ୍ତବ୍ୟ । ଚାଷ ତରତର ବଣିଜ ମଠ । ଚାଷ ପାଇଁ ଉନ୍ନତ ବିହନ, ସାର, କୃଷିଋଣ ଏବଂ ଫସଲବୀମା ଏକାନ୍ତ ଅପରିହାର୍ଯ୍ୟ । କିନ୍ତୁ ସରକାରଙ୍କ ବ୍ୟବସ୍ଥା କେବଳ ପ୍ରଚାର ସର୍ବସ୍ୱ ହୋଇଛି । ଦୁର୍ଭାଗ୍ୟର ବିଷୟ ଗତ ଚାରିଦିନ ତଳେ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଓ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଚଳିତ ମାସ ୩୧ ମଧ୍ୟରେ ଫସଲବୀମା କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଏକ ହାସ୍ୟାସ୍ପଦ କଥା ଏବଂ ଧର୍ମକୁ ଆଖିଠାର ସଦୃଶ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ତେଣୁ ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜିକରଣ ସମୟକୁ ଆସନ୍ତା ଅଗଷ୍ଟମାସ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କଂଗ୍ରେସ ଦଳ ପକ୍ଷରୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି ।

## ହନୁମାନ ଓ ମଙ୍ଗଳା ମନ୍ଦିରରୁ ଚୋରି ଅଭିଯୋଗ : ଭକ୍ତ ମହଲରେ ଅସନ୍ତୋଷ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲାର ବିଭିନ୍ନ ଅଂଚଳରେ ମଠ ମନ୍ଦିରରେ ଚୋରି ସଂଖ୍ୟା ବୃଦ୍ଧି ପାଉଛି । ଏ ଦିଗରେ ପୋଲିସ ଦୃବୃତଙ୍କ କୌଣସି ଟେର ପାଇପାରୁ ନାହିଁ । ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ହନୁମାନ ମନ୍ଦିର ଓ ମା'ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ମନ୍ଦିର ହୁଣ୍ଡି ଚୋରି ହୋଇଯାଇଥିବା ଜଣାପଡିଛି । ଯାହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଆଜି ମନ୍ଦିର ପୂଜକ ପୂଜା କରିବା ପାଇଁ ଆସିଥିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣି ଗ୍ରାମବାସୀଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ଗ୍ରାମବାସୀ ମନ୍ଦିର ନିକଟରେ ପଂହଚି ଥିଲେ । ଗହଣା,ମୁକୁଟ,ପିତଳ ଗଦା,ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ସହ ମନ୍ଦିରର ହୁଣ୍ଡିକୁ ଦୃବୃତମାନେ ନେଇ ଯାଇଥିବା ଜାଣିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ଗ୍ରାମବାସୀ ସ୍ଥାନୀୟ ଧାନମଣ୍ଡଳ ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି । ସୂଚନା ଥାଉକି,କିଛି ଦିନ ପୂର୍ବେ ଏହି ମନ୍ଦିରରୁ କେହି ଦୃବୃତ ସମସ୍ତ ଅଳଙ୍କାର ଚୋରି କରି ନେଇ ଯାଇଥିଲେ । ହେଲେ ପୁଲିସ ଦୃବୃତଙ୍କୁ ଠାବ କରିବାରେ ବିଫଳ ହୋଇଥିଲା । ଫଳରେ ପୁଣି ଏଭଳି ଚୋରି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## ମିଲର ଗାଡି ଧକ୍କାରେ ଜଣେ ମୃତ ଓ ଅନ୍ୟ ଜଣେ ଗୁରୁତର

ପାରାଦୀପ,(ପି.ଏନ): ପାରାଦୀପରେ ଏକ ମିଲର ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇ ଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ ଷଣ୍ଢକୁଦ ବସ୍ତିର ଦାସା ତାତିଆ ଓ ଅପନା ନାମକ ଦୁଇ ଜଣ ବ୍ୟକ୍ତି ଅପରାହ୍ନରେ ନିଜ ସ୍କୁଟିରେ ରଙ୍ଗିଆଗଡ ନିକଟସ୍ଥ ପାରାଦୀପ ରେଲ ଷ୍ଟେସନକୁ ଯାଉଥିବା ସମୟରେ ଏକ ଦ୍ରୁତଗାମୀ ମିଲର ଟ୍ରକ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଦାସା ତାତିଆ (୫୫) ଙ୍କ ମୃତ୍ୟୁ ହୋଇ ଯାଇଥିବା ବେଳେ ଅପନା ଗୁରୁତର ହୋଇ ପ୍ରଥମେ ପାରାଦୀପ ବିଜୁ ମେମୋରିଆଲ ଚିକିତ୍ସାଳୟ ଓ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତରିତ କରିଥିଲେ । ମୃତ ଦାସା ତାତିଆ ନିଜ ଘର ଗାମ ଜିଲ୍ଲାର ଗୋପାଳପୁରରେ । ସେ ଷଣ୍ଢକୁଦରେ ରହି ମାଛଧରା ବୋଟରେ କାର୍ଯ୍ୟ କରନ୍ତି ।

## ହରିଦାସପୁର-ପାରାଦ୍ୱୀପ ରେଳପଥରେ ମାଲବାହୀ ଟ୍ରେନରୁ ଅଲଗା ହେଲା ଇଞ୍ଜିନ

ଧର୍ମଶାଳା,(ପି.ଏନ): ଭାରତୀୟ ରେଳପଥରେ ଦିନକୁ ଦିନ ନୂଆ ନୂଆ ଘଟଣା ଦେଖିବାକୁ ମିଳୁଛି । ବିପଦ ଉପରେ ବିପଦ । ସବୁ ବେଳେ ସମସ୍ୟା ଲାଗି ରହିଛି । ଆଜି ପୁଣି ଏକ ଅଘଟଣ ଦେଖିବାକୁ ମିଳିଛି । ମାଲବାହୀ ଟ୍ରେନରୁ ହଠାତ ଇଞ୍ଜିନ ଅଲଗା ହୋଇଯାଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ହରିଦାସପୁର-ପାରାଦ୍ୱୀପ ରେଲଲାଇନ ପତରାଜପୁର ନିକଟରେ । ସକାଳୁ ସକାଳୁ ହରିଦାସପୁର ଅଭିମୁଖେ ଯାଉଥିବା ସମୟରେ ୨୪୦୩୮/୨୪୦୪୩ ଇଞ୍ଜିନ ମାଲବାହୀ ଟ୍ରେନରୁ ପତରାଜପୁର ନିକଟରେ ହଠାତ ଇଞ୍ଜିନ ଅଲଗା ହୋଇଯାଇଥିଲା । କିଛି ସମୟରେ ପରେ ରେଳ କତୃପକ୍ଷ ଘଟଣାସ୍ଥଳରେ ପଂହଚି ଇଞ୍ଜିନ ଲଗାଇବାରୁ ଟ୍ରେନଟି ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଇଥିଲା । ପରେ ବିଭାଗୀୟ କତୃପକ୍ଷ ଏ ଦିଗରେ ତଦନ୍ତ ଆରମ୍ଭ କରିଥିଲା । ଇଞ୍ଜିନ ଅଲଗା ହେବା ସମୟରେ କୌଣସି ଅଘଟଣ ଘଟି ନ ଥିବା ଜଣାପଡିଛି । ତେବେ ଟ୍ରେନମାନଙ୍କରେ ଦିନକୁ ଦିନ ଏଭଳି ଘଟଣାମାନ ଘଟୁଥିବା ବେଳେ ରେଳବାହୀ କତୃପକ୍ଷ ସେ ଭଳି କିଛି ପଦକ୍ଷେପ ନେଇପାରୁ ନାହିଁ । ଏ ଦିଗରେ ରେଳକତୃ ପକ୍ଷ ସଜାଗ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ବଲାଙ୍ଗିର କରାଟେ ସ୍କୁଲର କଲିକତା ଯାତ୍ରା

ବଲାଙ୍ଗିର, (ପି.ଏନ):କଲିକତା ରେ ହେବାକୁ ଥିବା ୭ମ ତମ ଆନ୍ତର୍ଜାତୀୟ କରାଟେ ଚମ୍ପିୟାନସିପ୍ ରେ ବଲାଙ୍ଗିର ଜିଲ୍ଲାର ଗାନ୍ଧୀ ଷ୍ଟଡିୟମରେ ଥିବା ବଲାଙ୍ଗିର କରାଟେ ସ୍କୁଲର ୧୦ ଜଣ କରାଟେକା ଅଂଶଗ୍ରହଣ କରିବେ । ଏହି ଚମ୍ପିୟାନସିପ୍ ଚଳିତ ମାସ ୨୯ ଓ ୩୦ ତାରିଖ ନେତାଜୀ ଇନ୍‌ଡୋର ଷ୍ଟଡିୟମରେ ଅନୁଷ୍ଠିତ ହେବ । ବାଳିକା ବିଭାଗରେ ଆନନ୍ଦିତା ସାହୁ, ହର୍ଷିତା ସିଂହ, ଅନୁଷ୍କା ପଟ୍ଟନାୟକ, ଆୟୁଷି ସିଂ ବାରିକ, ତମନ୍ନା ମେହେର ଓ ଅଭିପ୍ସା ହୋତା । ସେହିପରି ବାଳକ ବିଭାଗରେ ଆୟୁଷ ରଂଜନ ମେହେର, ଲୋକେଶ ବାଗ, ଆଦିତ୍ୟ ସିଂ ବାରିକ ଓ କ୍ରିଷ୍ଣା ନାଏକ ଭାଗ ନେବା ବେଳେ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ତଥା ସଂପାଦକ ହୃଦୟ ଶବର ଓ ଚନ୍ଦ୍ର ଶେଖର ସେଠ ରେଫରି ର ଦାୟିତ୍ୱ ତୁଲାଇବେ ।

## ଦୋକାନ ଭଙ୍ଗା ବନ୍ଦ ଓ ଥଇଥାନ ଦାବିରେ ଉଠା ଦୋକାନୀଙ୍କ ରାସ୍ତା ରୋକୋ ଆନ୍ଦୋଳନ



ଭୁବନେଶ୍ୱର, (ପି.ଏନ):ଏଆଇଟିୟୁସି ସହ ଅନୁବନ୍ଧିତ ରାଜଧାନୀର ଉଠା ଦୋକାନୀମାନେ ଚଳିତ ସପ୍ତାହରେ ଦ୍ୱିତୀୟ ଥର ରାସ୍ତାକୁ ଓହ୍ଲାଇଛନ୍ତି । ଉଠା ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ତୁରନ୍ତ ସେମାନଙ୍କୁ ଥଇଥାନ କରିବା ଦାବିରେ ଆଜି ଅଶୋକନଗର, ମାଷ୍ଟରକ୍ୟାଣ୍ଟିନ, ଜାଗମରା, ଖଣ୍ଡଗିରି ଓ ପଟିଆ ଅଞ୍ଚଳର ଶହ ଶହ ଉଠା ଦୋକାନୀ ଭଗବତୀ ଭବନଠାରେ ଏକାଠି ହୋଇଥିଲେ । ସେଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାପରେ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ଯାଇ ମାଷ୍ଟରକ୍ୟାଣ୍ଟିନଠାରେ ରାସ୍ତା ରୋକୋ କରିବାରୁ ମାଷ୍ଟର କ୍ୟାଣ୍ଟିନ ଛକ ଜାମ୍ ହୋଇଯାଇଥିଲା ।ସେଠାରେ ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କହିଲେ- ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ପାର୍ଲାମେଣ୍ଟ ଉଠା ଦୋକାନୀଙ୍କ ଥଇଥାନ ପାଇଁ ଆଇନ ପାଶ୍ କଲା । ମାନ୍ୟବର ଓଡ଼ିଶା ହାଇକୋର୍ଟ ମଧ୍ୟ ଥଇଥାନ ପାଇଁ ନିର୍ଦ୍ଦେଶ ଦେଲେ । ବିଏମ୍‌ସି ସର୍ଭେ କରି ଷ୍ଟ୍ରିଟ୍ ଭେଣ୍ଡର କାର୍ଡ ପ୍ରଦାନ କଲା । ତା' ପରେ ସେମାନଙ୍କୁ ଥଇଥାନ ନ କରି ଦୋକାନ ଭଙ୍ଗା ଚାଲିଛି କାହିଁକି ? ଏଣୁ ଦୋକାନ ଭଙ୍ଗା ବନ୍ଦ କରି ଥଇଥାନ ହେଲା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲିବ ଏବଂ ଆସନ୍ତା ସୋମବାର ଦିନ ଠେଲାଗାଡ଼ି ସହ ବିଏମ୍‌ସି ଅଫିସ୍ ଘେରାଉ ହେବ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶ୍ରମିକ ନେତା ଶଙ୍କର ବାରିକ, ଦେବ ସାହୁ, ପ୍ରଶାନ୍ତ ମହାପାତ୍ର, ଜଗା ପ୍ରଧାନ, ଅଶୋକ ବାରିକ, ବଟକୃଷ୍ଣ ସାହୁ, ନାରୀ ନେତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray